ବର୍ଷ-୨୪, ସଂଖ୍ୟା-୧୫୪
ଭୁବନେଶ୍ୱର
୦୨ ଜୁନ, ୨୦୨ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 154
Bhubaneswar
02 July, 2024, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଲୋକଙ୍କ ସମସ୍ୟା ଶୁଣିଲେ ଲୋକଙ୍କ ସରକାର




ଭୁବନେଶ୍ୱର,୧।୭(ମହାଭାରତ): ଯେଉଁଠି ସରକାର ଲୋକଙ୍କ ସହିତ ଥାଆନ୍ତି, ଲୋକଙ୍କ ସୁଖ ଦୁଃଖ ଶୁଣନ୍ତି, ସେଇଠି ହିଁ ପ୍ରକୃତ ଗଣତନ୍ତ୍ର ଦେଖିବାକୁ ମିଳିଥାଏ। ଜୁଲାଇ ମାସର ପ୍ରଥମ ଦିନ, ପ୍ରଥମ ସୋମବାରରେ ଭୁବନେଶ୍ୱର ୟୁନିଟ ୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମନ୍ତ୍ର କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣି ସମାଧାନର ରାସ୍ତା ଖୋଲିଛନ୍ତି। ଲୋକଙ୍କ ଅଭିଯୋଗ ମୁଖ୍ୟମନ୍ତ୍ରୀ ଶୁଣୁଥାଆନ୍ତି, ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଉଥାନ୍ତି ଓ ତୁରନ୍ତ ହେଉଥାଏ ସମାଧାନ। ସମସ୍ତେ ଖୁସିରେ ଫେରୁଥାନ୍ତି। ସମସ୍ତଙ୍କ ଆଖିରେ ଥିଲା ସରକାରଙ୍କ ଉପରେ ବିଶ୍ୱାସ ଓ ଭରସାର ଝଲକ୍। ସେଇ ବିଶ୍ୱାସ ଓ ଭରସାର ରୂପ ହେଉଛି ଗଣତନ୍ତ୍ର।

- ପ୍ରତି ସୋମବାର ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ, ଜିଲ୍ଲାସ୍ତରରେ ଶୁଣିବେ ଅଧିକାରୀ
- ୧୫୪୦ ଅଭିଯୋଗ ପଞ୍ଜୀକୃତ, ୫୦୦୦ ରୁ ଅଧିକ ଲୋକଙ୍କୁ ଶୁଣିଲେ ମୁଖ୍ୟମନ୍ତ୍ରୀ
- ଜନତା ଓ ସରକାର ମଧ୍ୟରେ ଥିବା ପ୍ରାଚୀର ଦୂର ହୋଇଛି
- ୯୯ ପ୍ରତିଶତ ଅଭିଯୋଗର ସମାଧାନ ହେବ : ମୁଖ୍ୟମନ୍ତ୍ରୀ

ପ୍ରାୟ ଏକ ହଜାରରୁ ଅଧିକ ଲୋକ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କ ସମସ୍ୟା କହିଥିଲେ। ଗଭୀର ମନଯୋଗରେ ସମସ୍ତଙ୍କ ସମସ୍ୟା ଶୁଣି ମୁଖ୍ୟମନ୍ତ୍ରୀ, ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଉଥାନ୍ତି। ସେମାନଙ୍କ ମଧ୍ୟରେ ଥାଆନ୍ତି ଜଣେ ବୟୋବୃଦ୍ଧା ମହିଳା ସରସ୍ୱତୀ ତ୍ରିପାଠୀ। ତାଙ୍କର ପିଲାମାନେ ସମ୍ପତି ହଡପ୍ କରି ମା'ଙ୍କୁ ଘରୁ ବାହାର କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ପୋଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ ଦେଲେ। ସେହିପରି କେନ୍ଦୁଝରର ଗୋଟିଏ ସ୍କୁଲରେ କାମ କରୁଥିବା ଜଣେ ମହିଳା ଅନେକ ଦିନ ଧରି ଦରମା ପାଉନାହାନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କର ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଥାଲାସେମିଆରେ ପୀଡିତ ଗୋଟିଏ ଛୋଟ ଝିଅର ବାପା ଯାଜପୁରର ସତ୍ୟଜିତ୍ ଆସିଥିଲେ ଚିକିତ୍ସା ସହାୟତା ପାଇଁ। ତାଙ୍କ ଝିଅର ହେବ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାନଟ୍ସେନ୍। ସେଥିପାଇଁ ଯେତେ ଶୀଘ୍ର ସମ୍ଭବ ତାଙ୍କ ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିଲେ ନିର୍ଦ୍ଦେଶ। ଆବଶ୍ୟକସ୍ଥଳେ ତାଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏମିତି ଅନେକ ପୀଡିତ, ଦିବ୍ୟାଙ୍ଗ, ବୟୋବୃଦ୍ଧମାନେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି, ତାଙ୍କ ସମସ୍ୟା ଶୁଣାଉଥାନ୍ତି ଓ ସମାଧାନର ଭରଷା ନେଇ ଯାଉଥାନ୍ତି। ରାଜ୍ୟର ମୁଖ୍ୟଙ୍କଠାରୁ ଭରଷାର ବାଣୀ ଶୁଣି ସେମାନେ ଅତ୍ୟନ୍ତ ଖୁସି ହୋଇ ଫେରୁଥାନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବ ସରକାରଙ୍କ ସମୟରେ ଜନତା ଓ ସରକାରଙ୍କ ମଧ୍ୟରେ ଏକ ଲୌହ ପ୍ରାଚୀର ଥିଲା। ସେ ପ୍ରାଚୀର ଆଜି ଦୂର ହୋଇଛି। ଲୋକ ଓ ସରକାରଙ୍କ ମଧ୍ୟରେ ସିଧା ସଳଖ ସମ୍ପର୍କ ପ୍ରତିଷ୍ଠା ପାଇଛି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଗଣତନ୍ତ୍ରରେ ଲୋକଙ୍କ କଥା ଶୁଣିବା ଓ ସମାଧାନ ପାଇଁ ଚେଷ୍ଟା କରିବା ଏକ ପ୍ରାଥମିକତା। ଏଇ କଥାକୁ ଗୁରୁତ୍ୱ ଦେଇ ଆଜି ଠାରୁ ଜିଲ୍ଲା ସ୍ତରରେ ମଧ୍ୟ ଶୁଣାଣୀ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ରକ୍ରିୟାକୁ ଆଗକୁ ଆହୁରି ସୁଦୃଢ଼ କରାଯିବ। ମୋ ସହିତ ଉପ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମଣ୍ଡଳର ସଦସ୍ୟ ମାନେ ମଧ୍ୟ ଏଥିରେ ସହଯୋଗ କରିଛନ୍ତି। ଏହା ଜାରି ରହିଲେ ଜିଲ୍ଲା ସ୍ତରରେ ଅଧିକାରୀ ମାନେ ଗୁରୁତ୍ୱ ଦେଇ ଲୋକଙ୍କ ସମସ୍ୟାର ସମାଧାନ କରିବେ। ଜିଲ୍ଲା ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ ହୋଇ ପାରିଲେ ରାଜ୍ୟ ସ୍ତରରେ ଅଭିଯୋଗ କମ ରହିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଆଜିର ଶୁଣାଣିରେ ପ୍ରାୟ ୯୯ ପ୍ରତିଶତ ଅଭିଯୋଗର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଥମ ଦିନରୁ ହିଁ ଲୋକଙ୍କ ସହିତ ଖୋଲା ମନରେ ମିଶୁଛନ୍ତି। ଲୋକଙ୍କ ସମସ୍ୟା ଜାଣିବାକୁ ଚେଷ୍ଟା କରୁଛନ୍ତି। ଭୁବନେଶ୍ୱରର ରାଜ୍ୟ ଅତିଥି ଭବନର କାର୍ଯ୍ୟାଳୟ ହେଉ ବା ବରଗଡ ଓ କେନ୍ଦୁଝର ଗସ୍ତ ପରି ବିଭିନ୍ନ ଜିଲ୍ଲା ଗସ୍ତ ହେଉ, ସବୁ ସମୟରେ ସେ ସାଧାରଣ ଲୋକଙ୍କ ସହିତ ହୃଦୟ ଖୋଲି ମିଶୁଛନ୍ତି ଓ ଆଲୋଚନା କରୁଛନ୍ତି ଓ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରୁଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ପରିଚୟ ଦିନ କୁ ଦିନ ହେଉଛି ଉଜ୍ଜ୍ୱଳ।

ଆଜି ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ହୋଇଥିଲା। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରତି ସୋମବାର ଏହି ପରି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାଯାଇଛି। ଆଜି ସମୁଦାୟ ୧୫୪୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ପ୍ରାୟ ୫୦୦୦ ରୁ ଅଧିକ ଲୋକ ଆସିଥିଲେ।

## ଲାଗୁ ହେଲା ନୂଆ ଅପରାଧିକ ଆଇନ

ନୂଆଦିଲ୍ଲୀ,୧।୭(ଏଜେନ୍ସି): ଆଜିଠୁ ସାରା ଦେଶରେ ଲାଗୁ ହୋଇଛି ନୂଆ ଭାରତୀୟ ନ୍ୟାୟ ସଂହିତା। ଏଥିସହିତ ଉଚ୍ଛେଦ ହୋଇଛି ୧୮୬୦ ମସିହାରୁ ଚାଲିଆସୁଥିବା ବ୍ରିଟିଶ ନିୟମ। ଫଳରେ ପ୍ରାୟ ଦେଢ଼ ଶହ ବର୍ଷ ଧରି ସମଗ୍ର ଦେଶରେ ଲାଗୁ ହୋଇ ଆସୁଥିବା ଇଂରେଜ ଅମଳର ଏହି ପୁଲିସ ଆଇନ ଆଜି ଇତିହାସ ପାଲଟି ଯାଇଛି ।

ଭାରତୀୟ ନ୍ୟାୟ ସଂହିତାରେ ପ୍ରଥମ ଆଜି ସକାଳେ ଦିଲ୍ଲୀରେ ରୁଜୁ ହୋଇଛି। ଦିଲ୍ଲୀ କମଳା ମାର୍କେଟ ଥାନାରେ ଜଣେ ଭେଣ୍ଡର ବିରୋଧରେ ମାମଲା ହୋଇଛି। ଏକ ଫୁଟ୍ ଓଭର ବ୍ରିଜ ଅବରୋଧ ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛି।

## ରଥଯାତ୍ରାରେ ଗଣତି ହେବେ ଭକ୍ତ

ପୁରୀ,୧।୭(ମହାଭାରତ): ରାଜ୍ୟରେ ସରକାର ବଦଳିବା ପରେ ଗୋଟିଏ ପରେ ଗୋଟିଏ ନୂଆ ପଦକ୍ଷେପ ନେଉଛନ୍ତି। ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୪ ପାଇଁ ସରକାର ଏକ ବଡ଼ ଦାୟିତ୍ୱ ହାତକୁ ନେଇଛନ୍ତି। ମହାପ୍ରଭୁଙ୍କ ଏହି ଦିବ୍ୟ ଓ ଭବ୍ୟ ଯାତ୍ରାରେ ଏଥର କେତେ ଭକ୍ତଙ୍କ ସମାଗମ ହେବ ସେନେଇ ଗଣତି କରାଯିବ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ପୁରୀକୁ ସଂଯୋଗ କରୁଥିବା ତିନିଟି ମୁଖ୍ୟ ମାର୍ଗ (ଭୁବନେଶ୍ୱର-ପୁରୀ, କୋଣାର୍କ-ପୁରୀ ଓ ବ୍ରହ୍ମଗିରି-ପୁରୀ) ରାସ୍ତାରେ ଭକ୍ତଙ୍କ ଗଣତି ପାଇଁ ବ୍ୟବସ୍ଥା କରାଯିବ ଏହି ତିନି ରାସ୍ତାରେ ଦେଇ ପୁରୀକୁ ଯାଉଥିବା ବସ୍, କାର, ଅଟୋ ଓ ବାଇକକୁ ଆଧାର କରି ଲୋକଙ୍କ ଗଣତି କରାଯିବ ସେହିପରି ପୁରୀର ହୋଟେଲ, ଲଜ୍, ଧର୍ମଶାଳା, ମଠଗୁଡ଼ିକରେ ମଧ୍ୟ ଗଣତି କରାଯିବ ପୁରୀକୁ ଟ୍ରେନ୍‌ରେ କେତେ ଭକ୍ତ ଆସିଛନ୍ତି ତାହା ମଧ୍ୟ ହିସାବକୁ ନିଆଯିବ। ଜୁଲାଇ ୭ ତାରିଖ ଦିନ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ସେହିପରି ୯୦ ଜଣ ମାଜିଷ୍ଟ୍ରେଟ୍ ନିଯୁକ୍ତ ହେବେ। ତହସିଲଦାର, ବିଡିଓ, ପେର ଅଧିକାରୀଙ୍କୁ ମାଜିଷ୍ଟ୍ରେଟ୍ ଦାୟିତ୍ୱ ମିଳିବ।

## ସଚିବଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,୧।୭(ମହାଭାରତ): ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ବିଭିନ୍ନ ବିଭାଗର ସଚିବମାନଙ୍କ ସହିତ ଲୋକସେବା ଭବନରେ ପ୍ରାରମ୍ଭିକ ବୈଠକ କରିଛନ୍ତି।

ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିବା ପାଇଁ ସମସ୍ତ ସଚିବଙ୍କ ସହଯୋଗ କାମନା କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଥିଲେ ଯେ, ଓଡ଼ିଶାରେ ପ୍ରଶାସନିକ ବ୍ୟବସ୍ଥାର ସୁନାମ ରହଛି। ନବ ଗଠିତ ସରକାରଙ୍କ ନିର୍ବାଚନ ଇସ୍ତାହାରକୁ ଆଖି ଆଗରେ ରଖି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନ ଉପରେ ସେ ଗୁର୍ବାରୋପ କରିଥିଲେ। ସମସ୍ତ ଯୋଜନାର କାର୍ଯ୍ୟକାରିତା ପାଇଁ ଯେପରି ଫଳପ୍ରଦ ପ୍ରୟାସ ରହିବ, ସେ ସଂପର୍କରେ ସେ ବହୁ ଗଠନମୂଳକ ପରାମର୍ଶ ଦେଇଥିଲେ।

ବୈଠକରେ ଆଗାମୀ ବଜେଟ ଉପସ୍ଥାପନ, ପୁରୀ ରଥଯାତ୍ରାର ସୁପରିଚାଳନା, ମାନ୍ୟବର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଉପଲକ୍ଷେ ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର କାର୍ଯ୍ୟରେ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ଛୋଟଛୋଟ ସମସ୍ୟା ରହୁଥିଲେ କାର୍ଯ୍ୟକୁ ବିଳମ୍ବିତ ନକରି ଶୀଘ୍ର ଶେଷ କରାଯିବା, କାର୍ଯ୍ୟରେ ସୃଜନଶୀଳତା, ସ୍ୱଚ୍ଛତା ଓ ସୁପ୍ରଶାସନ ଦିଗରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିସନର ତଥା ଶାସନ ସଚିବମାନେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଥିଲେ। ସଚିବମାନେ ବିଭିନ୍ନ କାର୍ଯ୍ୟରେ ଅଭିନବ୍ୱ ଆଣିବା ବୈଷୟିକ ଜ୍ଞାନ କୌଶଳର ଉପଯୋଗ ଏବଂ ଉତ୍ତରଦାୟିତ୍ୱ ପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିବା ପାଇଁ ନୂତନ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସମସ୍ତ ସଚିବମାନଙ୍କ ସହଯୋଗ କାମନା କରିଥିଲେ।

ବୈଠକ ଆରମ୍ଭରୁ ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ନୂତନ ମୁଖ୍ୟ ଶାସନ ସଚିବଙ୍କ ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ସଂପର୍କରେ ଆଲୋକପାତ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗଜପତି ମହାରାଜା

ଭୁବନେଶ୍ୱର,୧।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଆଜି ସାକ୍ଷାତ କରିଛନ୍ତି ମହାପ୍ରଭୁ ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆଗାମୀ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୃଙ୍ଖଳିତ ରଥଯାତ୍ରା ନୀତିକାନ୍ତିଠୁ ଆରମ୍ଭ କରି ରତ୍ନଭଣ୍ଡାର ଖୋଲାଯିବା ନେଇ ଆଲୋଚନା କରିଛନ୍ତି। ଗଜପତି ଗଜପତି ମହାରାଜା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସମୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଉପସ୍ଥିତ ଥିଲେ।



ଆଲୋଚନା ପରେ ଗଜପତି ମହାରାଜା କହିଛନ୍ତି, ଏଥର ରଥଯାତ୍ରା ୧୯୭୧ ମସିହା ଭଳି ପଡୁଛି। ଗୋଟିଏ ଦିନରେ ଦୁଇ ଦିନର ନୀତିକାନ୍ତି ହେବ। ତେଣୁ ରଥଯାତ୍ରା ନୀତିକାନ୍ତି କିଭଳି ସୁରୁଖୁରୁରେ ହେବ ସେ ନେଇ ଆଲୋଚନା ହେଲା। ଅପରାହ୍ଣ ୫ଟାରେ ରଥଟଣା ଯିବାକୁ ନୀତି ନିର୍ଘଣ୍ଟ ହୋଇଥିବାରୁ ସେଦିନ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ।

ଗଜପତିଙ୍କ ସାକ୍ଷାତ ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଗଜପତି ଶୃଙ୍ଖଳିତ ନୀତିକାନ୍ତି ନେଇ ପରାମର୍ଶ ଦେଇଛନ୍ତି ତାହା ସରକାର ପାଳନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ ଓ ରତ୍ନଭଣ୍ଡାର ଖୋଲିବା ନେଇ ବି ଆଲୋଚନା ହୋଇଛି। ରତ୍ନଭଣ୍ଡାର କେବେ ଖୋଲାଯିବ ସେ ନେଇ ସରକାର ଶୀଘ୍ର ସୂଚନା ଦେବେ।ଆଇନ ମନ୍ତ୍ରୀ କହିଛନ୍ତି, ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ବିଶେଷ କରି ଶୃଙ୍ଖଳା ଓ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ୭ ତାରିଖ ରଥଯାତ୍ରା ଦିନ ଶ୍ରୀମନ୍ଦିର ଭିତରକୁ ଭିଆଇପି ପ୍ରବେଶକୁ ବାରଣ କରାଯାଇଛି। ଆସନ୍ତାକାଲି ପୁରୀରେ ରଥଯାତ୍ରାର ଚୂଡ଼ାନ୍ତ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ଚଳିତ ରଥଯାତ୍ରାରେ ଶୃଙ୍ଖଳା ଓ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ ।

## ରଥଯାତ୍ରା ଦେଖିବେ ରାଷ୍ଟ୍ରପତି, ସମୁଦ୍ରକୂଳରେ କରିବେ ପ୍ରାତଃଭ୍ରମଣ

ଭୁବନେଶ୍ୱର,୧।୭(ମହାଭାରତ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୬ତାରିଖରେ ଓଡ଼ିଶା ଗସ୍ତରେ ଆସି ପୁରୀ ରଥଯାତ୍ରାରେ ସାମିଲ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଆଜି ରାଜ୍ୟ ପ୍ରଶାସନିକ ସ୍ତରରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ରାଷ୍ଟ୍ରପତି ୭ତାରିଖରେ ପୁରୀରେ ରଥଯାତ୍ରା ଦେଖିବା ସହ ୮ତାରିଖ ସକାଳେ ପୁରୀ ସମୁଦ୍ର କୂଳରେ ପ୍ରାତଃଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି ଆଜି ନବନିଯୁକ୍ତ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି



ମିଳିଥିବା ସୂଚନା ଅନୁସାରେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଚଳିତମାସ ୬ତାରିଖ ସନ୍ଧ୍ୟାରେ ଜୟଦେବ ଭବନଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କର ୯୬ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବେ। ୭ତାରିଖରେ ପୁରୀ ଗସ୍ତ କରି ଅପରାହ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦର୍ଶନ କରିବେ। ୮ତାରିଖ ସକାଳୁ ପୁରୀ ସମୁଦ୍ର ବେଳାଭୂମିରେ ପ୍ରାତଃଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ସେ ଭୁବନେଶ୍ୱର ଫେରି ପୂର୍ବାହ୍ନରେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ପରିଦର୍ଶନ କରିବା ସହ ବିକେ କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫଟସ୍ ଛାତ୍ରଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରିବେ। ସେହିଦିନ ଅପରାହ୍ନରେ ଭୁବନେଶ୍ୱରର ମେଣ୍ଢାଶାଳ ହରିଡ଼ାମଡ଼ାସ୍ଥିତ ଡିଭାଇନ୍ ରିଟ୍ରିଟ୍ ସେଂଟରଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ୯ତାରିଖ ପୂର୍ବାହ୍ନରେ ଜଟଣୀସ୍ଥିତ ନାଇଜରର ସ୍ନାତକ ସମାରୋହ ଉତ୍ସବରେ ଯୋଗ ଦେଇ ଅପରାହ୍ନରେ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତିଙ୍କ ଗସ୍ତ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ରହଣୀଠୁ ଆରମ୍ଭ କରି ସବୁ କାର୍ଯ୍ୟକ୍ରମରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ବୈଠକରେ ଉନ୍ନୟନ କମିଶନର, ଗୃହ ସଚିବ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ, ପୁଲିସ ଡିଜିଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ପୁରୀ, ଖୋର୍ଦ୍ଧା ଜିଲ୍ଲାପାଳ ଓ ପୁଲିସ ମୁଖ୍ୟଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ବୋଲି ଜଣାପଡ଼ିଛି।

## ତାଳ ଗଛ କାଟିବା ଉପରେ କଟକଣା

ଭୁବନେଶ୍ୱର,୧।୭(ମହାଭାରତ):ଏଣିକି ଆଉ ମନଇଚ୍ଛା କାଟି ପାରିବେନି ତାଳ ଗଛ। ତାଳ ଗଛ କାଟିବାକୁ ହେଲେ ବନ ବିଭାଗଠୁ ନେବାକୁ ପଡ଼ିବ ଅନୁମତି। ଏମିତିକି ନିଜ ବାଡ଼ିରେ ଥିବା ତାଳ ଗଛ କାଟିବାକୁ ବି ନେବାକୁ ପଡ଼ିବ ଅନୁମତି। ମନଇଚ୍ଛା ତାଳ ଗଛ କାଟିଲେ ହେବ କାର୍ଯ୍ୟାନୁଷ୍ଠାନ। ରାଜ୍ୟରେ ବଢୁଥିବା ବଜ୍ରପାତ ଜନିତ ମୃତ୍ୟୁକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଛି ବନ ବିଭାଗ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଦେବୀଦତ୍ତ ବିଶ୍ୱାଳ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ତାଳ ଗଛ କାଟିବା ପାଇଁ ପୂର୍ବରୁ ଅନୁମତି ନେବାକୁ ପଡୁଥିଲା।କିନ୍ତୁ ପରେ ସେଥିରେ ସଂଶୋଧନ କରାଯାଇଥିଲା। ତାଳ ଗଛ କାଟିବାକୁ ଆଉ ଅନୁମତି ନେବାକୁ ପଡୁ ନଥିଲା। ଫଳରେ ରାସ୍ତାକଡ଼ରେ ଥିବା ତାଳ ଗଛ ସବୁ କଟା ହୋଇଗଲା। ତେଣୁ ତାଳ ଗଛ କାଟିବା ପାଇଁ ଅନୁମତି ନେବା ନିୟମକୁ ପୁଣି ଥରେ ଲାଗୁ କରାଯାଇଛି। ନିଜ ବାଡ଼ିରେ ଶାଗୁଆନ, ଶାଳ ଆଦି ଗଛ ଥିଲେ କାଟିବା ପୂର୍ବରୁ ଯେମିତି ବନ ବିଭାଗର ଅନୁମତି ନେବାକୁ ପଡୁଛି, ସେମିତି ତାଳ ଗଛ କାଟିବା ପୂର୍ବରୁ ଅନୁମତି ନେବାକୁ ପଡ଼ିବ। ଏହି ନିୟମ ନମାନିଲେ ଜୋରିମାନାଠାରୁ ଆରମ୍ଭ କରି ଜେଲ୍ ପର୍ଯ୍ୟନ୍ତ ବିଭିନ୍ନ ଦଣ୍ଡ ବିଧାନ ରହିଛି।

# ରାହୁଲଙ୍କ ମନ୍ତବ୍ୟକୁ ନେଇ ସଂସଦରେ ହଙ୍ଗାମା

ନୂଆଦିଲ୍ଲୀ,୧।୭(ମହାଭାରତ: ଲୋକସଭାରେ ଆଜି ବିଭିନ୍ନ ପ୍ରସଙ୍ଗରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ହିନ୍ଦୁ ଧର୍ମ, ନିଟ୍ ପ୍ରସଙ୍ଗ, ଅଗ୍ନିବୀର ଯୋଜନାକୁ ନେଇ ବିଜେପି ଉପରେ ଜୋରଦାର ହମଲା କରିଛନ୍ତି। ତେବେ ହିନ୍ଦୁ ଧର୍ମକୁ ନେଇ ତାଙ୍କର ବୟାନକୁ ନେଇ ଆଜି ବେଶ୍ ଚର୍ଚ୍ଚା ହେଉଛି। ତାଙ୍କ ଭାଷଣକୁ କାଉଣ୍ଟର ଆଟାକ୍ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ରାହୁଲଙ୍କ ଭାଷଣ ହିନ୍ଦୁ ବିରୋଧୀ ବୋଲି କହିଛନ୍ତି। ଏହାକୁ ନେଇ ଦିନ ତମାମ ଲୋକସଭାରେ ସରଗରମ ସ୍ଥିତି ଦେଖିବାକୁ ମିଳିଥିଲା।

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସଂସଦରେ କଥା କଟାକଟି ଦେଖିବାକୁ ମିଳିଛି। ଆଜି ଲୋକସଭାରେ ରାହୁଲ ଗାନ୍ଧି ଭାଷଣ ଦେଉଥିବା ବେଳେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଜେପିର ଜୟ ଶ୍ରୀରାମ ନାରାକୁ କାଉଣ୍ଟର କରିବା ପାଇଁ ରାହୁଲ ଗାନ୍ଧି ଆଜି ପୁଣିଥରେ ଜୟ ସମ୍ବିଧାନ ନାରା ଦେଇଛନ୍ତି। ରାହୁଲ ଗାନ୍ଧି ଭାଷଣ ବେଳେ ସମ୍ବିଧାନର କପି ଠାରୁ ଆରମ୍ଭ କରି ଭଗବାନ ଶିବ, ପ୍ରଫେଟ ମହମ୍ମଦ ଓ ଗୁରୁ ନାନକଙ୍କ ଛବି ପ୍ରଦର୍ଶିତ କରିଥିଲେ। ବିଜେପି ଓ ଆରଏସଏସକୁ ସେ ସମାଲୋଚନା କରି ସେମାନେ ସମସ୍ତ ହିନ୍ଦୁଙ୍କ ପ୍ରତିନିଧିତ୍ୱ କରନ୍ତି ନାହିଁ। ଆମର ମହା ପୂର୍ବପୁରୁଷମାନେ ଅହିଂସା କଥା କହିଛନ୍ତି। କିନ୍ତୁ ଯେଉଁମାନେ ନିଜକୁ ହିନ୍ଦୁ ବୋଲି କହୁଛନ୍ତି, ସେମାନେ ବାସ୍ତବରେ ଘୃଣା ସୃଷ୍ଟି କରୁଛନ୍ତି। ଆପଣମାନେ ହିନ୍ଦୁ ହିଁ ନୁହନ୍ତି। ତେବେ ରାହୁଲ ଗାନ୍ଧୀ ଭାଷଣ ଦେବା ବେଳେ ମୋଦି ଦୁଇ ଥର ନିଜ ଆସନରେ ଛିଡ଼ା ହୋଇ ଏହାକୁ ବିରୋଧ କରିଥିଲେ। ସମଗ୍ର ହିନ୍ଦୁ ସଂପ୍ରଦାୟକୁ ହିଂସା ସୃଷ୍ଟିକାରୀ କହିବା ଗୋଟିଏ ଗୁରୁତ୍ୱର ପ୍ରସଙ୍ଗ ବୋଲି ମୋଦି କହିଥିଲେ। ଏଥିସହ ସମ୍ବିଧାନ ତାଙ୍କୁ ବିରୋଧୀ ଦଳର ନେତା ପଦକୁ ସମ୍ମାନ ଦେବା ଶିଖାଇଥିବା ମୋଦି କହିଥିଲେ।



ପ୍ରଧାନମନ୍ତ୍ରୀ ମୋଦୀଙ୍କ ହସ୍ତକ୍ଷେପ ପରେ ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ହଟ୍ଟଗୋଳ କରି ବିରୋଧି ଏତେବଡ଼ ବାକ୍ୟକୁ ଲୁଚାଇପାରିବେ ନାହିଁ। ରାହୁଲ କହିଛନ୍ତି ଯେ ନିଜକୁ ହିନ୍ଦୁ କହୁଥିବା ଲୋକମାନେ ହିଂସା କରନ୍ତି। ଦେଶର କୋଟି କୋଟି ଲୋକ ଗର୍ବରେ ନିଜକୁ ହିନ୍ଦୁ କହୁଛନ୍ତି। ହିଂସାକୁ ଧର୍ମର ଭାବନା ସହିତ ଯୋଡ଼ିବା ଭୁଲ୍ ଅଟେ। ସେ ନିଜର ଏହି ବୟାନ ପାଇଁ କ୍ଷମା ମାଗିବା ଦରକାର। ରାହୁଲ ଗାନ୍ଧୀ ଅଭୟ କଥା କହୁଛନ୍ତି। ଆପାତକାଳରେ କ'ଣ ହୋଇଛି, ଦିଲ୍ଲୀରେ ହଜାର ହଜାର ଶିଖ୍ଙ୍କ ହତ୍ୟା ସର୍ବସାଧାରଣରେ ହୋଇଥିଲା। ତେବେ ମୋଦିଙ୍କୁ କାଉଣ୍ଟର କରି ରାହୁଲ, ବିଜେପି ଓ ଆରଏସଏସ୍ ପୂରା ହିନ୍ଦୁ ସଂପ୍ରଦାୟର ପ୍ରତିନିଧିତ୍ୱ କରୁନାହାନ୍ତି। ରାହୁଲ ଗାନ୍ଧି ନିଜ ଭାଷଣରେ ବିଜେପି ଓ ଆରଏସ୍ଏସକୁ ଟାର୍ଗେଟ କରୁଥିବା ବେଳେ ଗୃହରେ ପ୍ରବଳ ନାରାବାଜୀ ହୋଇଥିଲା। ଶାସକ ଦଳର ସଦସ୍ୟମାନେ ରାହୁଲଙ୍କ ବୟାନକୁ ବିରୋଧ କରିଥିଲେ। ସେହିପରି ସେ ଭଗବାନ ଶିବଙ୍କ ଫଟୋ ପ୍ରଦର୍ଶିତ କରୁଥିବା ବେଳେ ଏଥିପାଇଁ ବାଚସ୍ପତି ଓମ ବିର୍ଲା ଅନୁମତି ଦେଇ ନଥିଲେ। ତଥାପି ରାହୁଲ ଗାନ୍ଧି ଏହାକୁ ପ୍ରଦର୍ଶିତ କରିଥିଲେ।

ରାହୁଲ ଗାନ୍ଧି ନିଜର ଭାଷଣ ଆରମ୍ଭରେ ଭାରତର ବିଚାରଧାରା, ସମ୍ବିଧାନ ଓ ସମ୍ବିଧାନ ଉପରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ଉପରେ ସଂପୂର୍ଣ୍ଣ ଭାବେ ବ୍ୟବସ୍ଥିତ ଢଙ୍ଗରେ ଆକ୍ରମଣ କରାଯାଉଥିବା କହିଥିଲେ। ରାହୁଲ କହିଛନ୍ତି, ଯଦି ଆପଣ ଭଗବାନ ଶିବଙ୍କ ଛବିକୁ ଦେଖିବେ, ତା'ହେଲେ ହିନ୍ଦୁମାନେ କେବେ ହେଲେ ଭୟ ଓ ଘୃଣାର ପରିବେଶ ସୃଷ୍ଟି କରନ୍ତି ନାହିଁ ବୋଲି ଜାଣିପାରିବେ। କିନ୍ତୁ ବିଜେପି ୨୪ ଘଣ୍ଟା ଘୃଣା ଓ ଭୟର ପ୍ରଚାର କରୁଛି। ସେ ପ୍ରଫେଟ ମହମ୍ମଦ ଓ ଗୁରୁ ନାନକଙ୍କ ଫଟୋ ମଧ୍ୟ ପ୍ରଦର୍ଶିତ କରିଥିଲେ। ସେ କହିଛନ୍ତି, ଡରନ୍ତୁ ନାହିଁ... ଡରନ୍ତୁ ନାହିଁ। ଅଭୟ ମୁଦ୍ରା ହେଉଛି କଂଗ୍ରେସର ଚିହ୍ନ। ଏହା ସୁରକ୍ଷାର ପ୍ରତୀକ।ଏହା ଭୟକୁ ଦୂର କରେ ଓ ହିନ୍ଦୁତ୍ୱ, ଇସଲାମ, ଶିଖ, ବୌଦ୍ଧ ଓ ଅନ୍ୟ ଭାରତୀୟ ଧର୍ମର ଧାର୍ମିକ ସୁରକ୍ଷା କରିଥାଏ। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏପରି ବୟାନକୁ ହିନ୍ଦୁଙ୍କ ପ୍ରତି ଅପମାନ ଓ ଏଥିପାଇଁ ରାହୁଲ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି। ନିଟ୍ ପରୀକ୍ଷା ତ୍ରୁଟି ଉପରେ ଗୋଟିଏ ସ୍ୱତନ୍ତ୍ର ଦିନରେ ଆଲୋଚନା ପାଇଁ ଅନୁମତି ମାଗିଥିଲେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ନିଟ୍ ପରୀକ୍ଷାରେ ତ୍ରୁଟିକୁ ନେଇ ଆଜି ବି ସଂସଦରେ ହୋହଲ୍ଲା କରିଛନ୍ତି ବିରୋଧୀ। ଏହି ପ୍ରସଙ୍ଗ ଉପରେ ସ୍ୱତନ୍ତ୍ର ଗୋଟିଏ ଦିନ ଆଲୋଚନାକୁ ବାଚସ୍ପତି ଅନୁମତି ନ ଦେବାକୁ କକ୍ଷତ୍ୟାଗ କରିଛନ୍ତି ବିରୋଧୀ।

ଅଗ୍ନିବୀର ଯୋଜନାକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦରେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି, ମୋଦୀ ସରକାର ଅଗ୍ନିବୀରଙ୍କ ମୃତ୍ୟୁ ହେଲେ ତାଙ୍କୁ ସହିଦର ମାନ୍ୟତା ଦେଉନି। ଏମିତି କି ତାଙ୍କୁ କ୍ଷତିପୂରଣ ମଧ୍ୟ ଦେଉନି। ତେଣୁ କଂଗ୍ରେସ କ୍ଷମତାକୁ ଆସିଲେ ଏହି ଯୋଜନାକୁ ହଟେଇବ। ଅଗ୍ନିବୀର ଯୋଜନା ସେନାର ନୁହେଁ ବରଂ ପିଏମଓର ସ୍କିମ ବୋଲି ସଂସଦରେ କହିଛନ୍ତି ରାହୁଲ ଗାନ୍ଧୀ। ଅନ୍ୟପଟେ ଏହାର ଜବାବ୍ ରଖି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଅଗ୍ନିବୀର ସହିଦଙ୍କୁ ସରକାରଙ୍କ ତରଫରୁ ଏକ କୋଟି ଟଙ୍କାର କ୍ଷତିପୂରଣ ରାଶି ଯୋଗାଇ ଦିଆଯାଏ। ରାହୁଲ ଗାନ୍ଧୀ ଅଗ୍ନିବୀରଙ୍କୁ ନେଇ ଭୁଲ ବୟାନ ଦେଇଛନ୍ତି । ସେ ସଂସଦକୁ ଭୁଲେଇବାକୁ ଚେଷ୍ଟା କରୁଛନ୍ତି।

## ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

**ପ୍ରସ୍ତୁତି ପ୍ରଣାଳୀ:** ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।

**ଖବର**

## ଧୁମ୍ ମଚ୍ଛଉଛି 'କଲକି ୨୮୯୮ ଏଡି'; ୨ ଦିନରେ ୨୯୮ କୋଟି ଟଙ୍କା ଆୟ



ବିଗ୍ ବି ଅମିତାଭ ବଚ୍ଚନ, ସାଉଥ ସୁପରଷ୍ଟାର୍ ପ୍ରଭାସ ଓ ଦୀପିକା ପାଦୁକନଙ୍କୁ ନେଇ ପ୍ରସ୍ତୁତ 'କଲକି ୨୮୯୮ ଏଡି' ବକ୍ସ ଅଫିସରେ ଧୁମ୍ ମଚ୍ଛଉଛ। ରିଲିଜର ଦୁଇ ଦିନ ମଧ୍ୟରେ ସିନେମା ରୋଜଗାର କଲାଣି ୨୯୮ କୋଟି ଟଙ୍କାୟ ବିଶ୍ୱସ୍ତରରେ ରିଲିଜ୍ ହୋଇଥିବା 'କଲକି ୨୮୯୮ ଏଡି', ପ୍ରଥମ ଦିନରେ ଅର୍ଥାତ୍ ଶୁକ୍ରବାର ୧୯୧.୫ କୋଟି ଟଙ୍କା ଆୟ କରିଥିବା ବେଳେ ଦ୍ୱିତୀୟ ଦିନରେ ୨୯୮ କୋଟି ଟଙ୍କାରେ ପହଞ୍ଚିଛି। ଯଦି ଭାରତ କଥା କହିବା ତେବେ ପ୍ରଥମ ଦିନରେ ଭାରତରେ ୯୫.୩୦ କୋଟି ଟଙ୍କା ଆୟ କରିଥିଲା 'କଲକି ୨୮୯୮ ଏଡି'। ରିପୋର୍ଟ ଅନୁଯାୟୀ, ଦ୍ୱିତୀୟ ଦିନରେ ଭାରତରେ ୫୪ କୋଟି ଟଙ୍କା ସହ ସମଗ୍ର ବିଶ୍ୱରେ ୧୪୯.୩୦ କୋଟି ଟଙ୍କା ଆୟ କରିଛି ଏହି ସିନେମା। ବିଶ୍ୱରେ ୨୯୮.୫୦ କୋଟି ଟଙ୍କା ଆୟ କରିଥିବା ନେଇ ଫିଲ୍ମର ଅଫିସିଆଲ୍ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି ।ଏହି ହାଇ ବଜେଟ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ନାଗ ଅଶ୍ୱିନୟ ମୁଖ୍ୟ ଭୂମିକାରେ ଅମିତାଭ ବଚ୍ଚନ, ପ୍ରଭାସ ଓ ଦୀପିକା ପାଦୁକୋନଙ୍କ ବ୍ୟତୀତ ଦିଶା ପାଟାନି, ପଶୁପତି, ଶୋବାନା, ଆଓ। ବେନ ଅଭିନୟ କରିଛନ୍ତି। ସେହିପରି ଚଳଚ୍ଚିତ୍ରରେ ଏସ୍ ରାଜାମୌଲି, ବିଜୟ ଦେବରକୋଣ୍ଡା, ରାମ ଗୋପାଳ ବର୍ମା, ଦୁଲକର ସଲମାନ ଏବଂ ମୃଣାଳ ଠାକୁର ଅତିଥି କଳାକାର ଭୂମିକାରେ ନଜର ଆସିଛନ୍ତି। ଏହି ସିନେମା ହିନ୍ଦୁ ପୁରାଣରୁ ଉଦ୍ଧୃତ ହୋଇଥିବା ନିର୍ଦ୍ଦେଶକ ନାଗ ଅଶ୍ୱିନ କହିଛନ୍ତି। ସିନେମାର ଏପରି ନାମକରଣ ପଛର କାରଣ ପଚରାଯିବାରୁ ସେ କହିଛନ୍ତି ଯେ, ଆମର ଚଳଚ୍ଚିତ୍ର ମହାଭାରତରୁ ଆରମ୍ଭ ହୋଇ ୨୮୯୮ରେ ଶେଷ ହୋଇଛି। ସେ ଦୃଷ୍ଟିରୁ ସିନେମାର ନାମ 'କଲକି ୨୮୯୮ ଏଡି' ରଖାଯାଇଛି।

## ତ୍ୱଚା ସୁନ୍ଦର କରାଇବାର ଉପାୟ



ତ୍ୱଚାର ସୁନ୍ଦରତା ବଜାୟ ରଖିବା ପାଇଁ ସଭିଏଁ ବହୁ ଉପାୟ ଆପଣେଇ ଥାଆନ୍ତି । ଏହାଛଡ଼ା ଅଧିକାଂଶ ସମୟ ଅଭାବ କାରଣରୁ ତ୍ୱଚା ଉପରେ ଅଧିକ ଧ୍ୟାନ ମଧ୍ୟ ଦେଇ ପାରି ନଥାଆନ୍ତି । ମାତ୍ର ଏପରି କେତେକ ଉପାୟ ରହିଛି ଯାହାକୁ ଆପଣେଇ ମୁହଁର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବା ।

ନଡ଼ିଆ ତେଲ -

ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ ତେଲିଆ ନୁହେଁ ତେବେ ନିୟମିତ ନଡ଼ିଆ ତେଲର ମୁହଁରେ ମାଲିସ କରନ୍ତୁ । ରାତିରେ ଶୋଇବା ସମୟରେ ତୁଳାର ବ୍ୟବହାର କରି ମୁହଁରେ ଲଗାନ୍ତୁ । ସକାଳେ ଆପଣ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ ।

ଗ୍ରୀନ ଟି ପ୍ୟାକ୍ -

ପେଷା ହୋଇଥିବା ଗ୍ରୀନ ଟିରେ ଅଳ୍ପ ପାଣି ମିଶାଇ ତୁଳାର ବ୍ୟବହାର କରି ଏହି ପେଷ୍ଟକୁ ରାତି ଯାକ ମୁହଁରେ ଲଗାଇ ରଖନ୍ତୁ । ସକାଳେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।

## ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି। ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ



କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

## ପିଅନ୍ତୁ ତୁଳସୀ ପାଣି : ମିଳେ ଆଶ୍ଚର୍ଯ୍ୟଜନକ ଲାଭ





ଦିନସାରା କାମବ୍ୟସ୍ତତା ମଧ୍ୟରେ ଶରୀରକୁ ଶକ୍ତିର ଆବଶ୍ୟକତା ରହିଛି। ଏହି କାରଣରୁ ବିଶେଷଜ୍ଞ ସକାଳେ ଖାଲି ପେଟରେ ଏପରି କିଛି ଖାଦ୍ୟପାନୀୟ ସେବନ କରିବା ପାଇଁ ପରାମର୍ଶ ଦେଇଥାଆନ୍ତି , ଯାହା ଶରୀରକୁ ଶକ୍ତି ସହ ପୋଷଣ ପ୍ରଦାନ କରିଥାଏ। ସକାଳେ ଉଠିବା ପରେ ଚା' କିମ୍ବା କଫି ପିଇବା ଅଭ୍ୟାସ ବଦଳାଇ ଦିଅନ୍ତୁ। ବାସ୍ତବରେ ଏପରି କିଛି ସ୍ୱାସ୍ଥ୍ୟକର ପାନୀୟ ରହିଛି, ଯାହାକୁ ଚା' କିମ୍ବା କଫି ବଦଳରେ ପିଇପାରିବେ ।ସକାଳେ ଉଠିବା ପରେ ସର୍ବ ପ୍ରଥମେ ଉଷୁମ ପାଣି ପିଇବା ଉଚିତ। କିଛି ଲୋକେ ସକାଳେ ଉଠି ପାଣିରେ ଲେମ୍ବୁ ରସ ଓ ମହୁ ମିଶାଇ ପିଅନ୍ତି। ବାସ୍ତବରେ ନିଜ ଆବଶ୍ୟକତା ଅନୁଯାୟୀ, ସ୍ୱାସ୍ଥ୍ୟକର ପାନୀୟ ନିଜ ଇଚ୍ଛା ଅନୁଯାୟୀ ଚୟନ କରିପାରିବେ। ତେବେ ଏଭଳି କିଛି ସ୍ୱାସ୍ଥ୍ୟକର ପାନୀୟ ବିଷୟରେ ଜାଣନ୍ତୁ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହେବା ସହ ପାଚନକୁ ସୁସ୍ଥ ରଖିଥାଏ। ସେଭଳି ସ୍ୱାସ୍ଥ୍ୟଉପକାରୀ ଏକ ଜିନିଷ ହେଉଛି ତୁଳସୀୟ ଏହାକୁ ଚେରମୂଳୀର ରାଣୀ ବୋଲି ମଧ୍ୟ କୁହାଯାଏ। ତୁଳସୀପତ୍ରକୁ ପାଣିରେ ଭିଜାଇ ଏହାର ପାଣି ପିଇବା ଦ୍ୱାରା କୋଷ୍ଠକାଠିନ୍ୟ,ଏସିଡିଟି, ଛାତି ଓ ଗଳାରେ ହେଉଥିବା ଜଳାପୋଡା ସମସ୍ୟାକୁ ଦୂର କରିଥାଏ। ଏହା ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ସେହିପରି ପାନମଧୁରୀକୁ ଅନେକ ଖାଦ୍ୟ ପ୍ରସ୍ତୁତି ସହ ଅନ୍ୟାନ୍ୟ ବହୁ ଜିନିଷ ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହାସହ ଏହାକୁ ପାଣିରେ ବତୁରାଇ ଏହି ପାଣି ମଧ୍ୟ ପିଇପାରିବେ। ସ୍ୱାଦରେ ଏହା ହାଲକା ମିଠାୟ ଏଥିରେ ଆଣ୍ଟି-ଇନଫ୍ଲେମେଟରୀ ଗୁଣ ମଧ୍ୟ ରହିଛି। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ଏସିଡିଟି ସମସ୍ୟା ମଧ୍ୟ ଦୂର କରିଥାଏ। ତୁଳସୀ ମଞ୍ଜି ଓ ପାନମଧୁରୀ କେବଳ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ନିୟମିତ ସକାଳେ ଏହି ଦୁଇଟି ଜିନିଷକୁ ପାଣିକୁ ବତୁରାଇ ପିଇବା ଦ୍ୱାରା କେଶ ଘନ ଓ ମଜଭୂତ ହୋଇଥାଏୟ ତ୍ୱଚରେ ମଧ୍ୟ ଏହାର ଉତ୍ତମ ପ୍ରଭାବ ଦେଖାଯାଏ। ଏକ ଚାମଚ ପାନମଧୁରୀ କିମ୍ବା ତୁଳସୀ ମଞ୍ଜି ନିଅନ୍ତୁ। ରାତିରେ ଏହାକୁ ଏକ ଗ୍ଲାସ ପାଣିରେ ମିଶାଇ ରଖନ୍ତୁ। ପରଦିନ ସକାଳେ ଉଠିବା ପରେ ଖାଲି ପେଟରେ ପିଅନ୍ତୁ।

## ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ



ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ । ମହାବୀର ହନୁମାନ ଏବଂ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି। ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା। - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି। ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।

# ରଥଯାତ୍ରା ନେଇ ବିଦ୍ୟୁତ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

**ଭୁବନେଶ୍ୱର,୧୭ (ମହାଭାରତ):** ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ପୁରୀ ସହରରେ ୨୪ ଘଂଟିଆ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପୁରୀ ସହରରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ବିଦ୍ୟୁତ ସରବରାହଜନିତ ପ୍ରତିଷେଧକ ଓ ରକ୍ଷଣାବେକ୍ଷଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଆଗାମୀ ରଥଯାତ୍ରା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବାବଦରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ଚଳିତ ବର୍ଷ ଗ୍ରୀଡ୍ ଗୁଡ଼ିକର ସୁପରିଚାଳନା ନିମନ୍ତେ ପ୍ରତି ଗ୍ରୀଡ୍ ରେ କଂଟ୍ରୋଲ ରୁମ୍ ମାନ ଖୋଲାଯାଇ ବିଦ୍ୟୁତ ସରବାରାହକୁ ନିୟନ୍ତ୍ରିତ କରାଯିବ । ସହରର ସମସ୍ତ ଗ୍ରୀଡ୍ ଏସ୍‌ଡ଼ିଓଙ୍କ ଅଧିନରେ ପରିଚାଳିତ ହେବା ସହ ପ୍ରତି ସବ୍ ଷ୍ଟେସନ୍ ରେ ଦକ୍ଷ ଇଂଜିନିୟରମାନେ ନିୟୋଜିତ ହେବେ ଏବଂ ଓପିଟିସିଏଲ୍ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ । ନିର୍ଦ୍ଦିଷ୍ଟ ଷ୍ଟେସନ୍ ମାନଙ୍କରେ ସ୍ୱତନ୍ତ୍ର କଂଟ୍ରୋଲ ରୁମ୍ ମାନ ଖୋଲାଯିବାର ପ୍ରାବଧାନ ରହିଛି । ରଥଯାତ୍ରାକୁ ଦୃଷ୍ଟିରେ ରଖି ସହରରେ ତିନିଗୋଟି ପାୱାର ଷ୍ଟେସନ୍ ର କ୍ଷମତା ବୃଦ୍ଧି କରାଯାଇ ଲୋଡ୍ ପରିଚାଳନାକୁ ଅଧିକ ବ୍ୟବସ୍ଥିତ କରାଯିବ । ପ୍ରତିଷେଧକମୂଳକ



ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ ହୋଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ସହରରେ ଥିବା ସମସ୍ତ ବିଦ୍ୟୁତ ଖୁଂଟି, ତାର ଏବଂ ଟ୍ରାନ୍ସଫର୍ମରଗୁଡ଼ିକର ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହୋଇ ସେଗୁଡ଼ିକରେ ବିଦ୍ୟୁତ ନିରୋଧ ଲେପ ଦିଆଯାଇଛି । ଏହା ସହ ବିଦ୍ୟୁତଜନିତ ଦୁର୍ଘଟଣା ଏଡ଼ାଇବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ 'ସୁରକ୍ଷା ସଚେତନତା ରଥ' ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିବ । ବିଦ୍ୟୁତ ସରବରାହକୁ ତ୍ରୁଟିଶୂନ୍ୟ କରିବା ପାଇଁ ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟି ପୁରୀ ବଡ଼ଦାଣ୍ଡଠାରୁ ଆରମ୍ଭ କରି ଆଖପାଖ ଅଂଚଳରେ ପୋତା ଯାଇଛି । ଗଛଗୁଡ଼ିକର ଡାଳପତ୍ର ସଫା କରାଯାଇ ବିଦ୍ୟୁତ ତାରଗୁଡ଼ିକୁ ଅବରୋଧମୁକ୍ତ କରାଯାଇଛି । ସମସ୍ତ ସବ୍ ଷ୍ଟେସନ୍ ରେ ସୁରକ୍ଷା ଦୃଷ୍ଟିରୁ ତାରବାଡ଼ ଲଗାଯାଇଛି । ରଥଯାତ୍ରା ସମୟରେ ବିଦ୍ୟୁତ ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ୮୫ ଜଣ ଅଧିକାରୀଙ୍କ ସମେତ ୮୦୦ରୁ ଊର୍ଦ୍ଧ୍ୱ ଟିପିସିଓଡିଏଲ୍ ର କର୍ମଚାରୀ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ନିୟୋଜିତ ରହିବେ । ରଥଯାତ୍ରା ସମୟରେ ଆଲୋକୀକରଣକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ୨୧ଟି ଡିଜି ସେଟ୍ ର ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ଏବଂ ପରିକ୍ରମା ପ୍ରକଳ୍ପର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟାପକ ଏଲ୍ ଇଡି ଲାଇଟ୍ ର ବ୍ୟବସ୍ଥା କରାଯିବା ସହ ଗୁଣ୍ଡିଚା ଯାତ୍ରାଠାରୁ ବାହୁଡ଼ାଯାତ୍ରା, ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଏଲ୍ ଇଡି ଲାଇଟ୍ ବଳବତର ରହିବ । ସମସ୍ତ ପାର୍କିଂ ସ୍ଥାନ, ଶ୍ରୀଜଗନ୍ନାଥ ଓ ମାଉସୀମା ମନ୍ଦିର ଏବଂ ଅନ୍ୟ ଜନଗହଳି ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯିବ । କୌଣସି ବୈଦ୍ୟୁତିକ ଦୁର୍ଘଟଣାକୁ ଆଖି ଆଗରେ ରଖି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର, ହାଇଡ୍ରା, କ୍ରେନ୍ ଏବଂ ପର୍ଯ୍ୟାପ୍ତ ଇନ୍ଧନ ଆଦି ଗଚ୍ଛିତ ରଖାଯିବ । ସେହିପରି ଟିପିସିଓଡିଏଲ୍ ପକ୍ଷରୁ ଦୁଇଗୋଟି ଆମ୍ବୁଲାନ୍ସ ସହିତ ଡାକ୍ତରୀ ଦଳ ନିୟୋଜିତ ରହିବେ ବୋଲି ବୈଠକରେ ପ୍ରକାଶ କରାଯାଇଥିଲା । ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ ସମନ୍ୱୟ ରକ୍ଷାପୂର୍ବକ ଏହି ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦନ କରିବାକୁ ମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସମେତ ଶକ୍ତି ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲ୍ ର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପିସିସି ସଭାପତିଙ୍କ କୁଶପୁତଳିକା ଦାହ

**ଭୁବନେଶ୍ୱର,୧୭ (ମହାଭାରତ):** ସୋମବାର ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ତଥା ବହିଷ୍କୃତ କଂଗ୍ରେସ ନେତା ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ କୁଶପୁ ଳିକା ଦାହ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ମିଶ୍ର କହିଛନ୍ତି ଯେ, ଦଳ ବିକ୍ରିକୁ ବିରୋଧ କରିବାରୁ ପିସିସି ସଭାପତି ଆକ୍ରୋଶମୂଳକ ଭାବେ ଆମକୁ କଂଗ୍ରେସ ଦଳରୁ ବହିଷ୍କୃତ କରିଛନ୍ତି । ପିସିସି ସଭାପତିଙ୍କର ଯୋଗ୍ୟତା ୨୦୨୪ ସାଧାରଣ ନିର୍ବାଚନରେ ପ୍ରମାଣିତ ହୋଇଯାଇଛି । ସେ ଯେଉଁ ୯ରୁ ୯୦ ଆହ୍ୱାନ ଦେଇଥିଲେ, ତାହା ଏ ଶତାବ୍ଦୀର ସବୁଠାରୁ ବଡ଼ ହସକଥା । କାରଣ କୌଣସି ପ୍ରସ୍ତୁତି ନଥାଇ 'ମୁଙ୍ଗେରିଲାଲ କି ହସିନ ସପ୍ନା' ଭଳି ଶରତ ପଟ୍ଟନାୟକ ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସର ୯୦ଟି ବିଧାୟକ ବିଜୟୀ ହେବେ ବୋଲି ସ୍ୱପ୍ନରେ ଭାବୁଥିଲେ । ୮୦ଜଣ ବିଧାନସଭା ପ୍ରାର୍ଥୀ ଏବଂ ୧୨ଜଣ ସାଂସଦ ପ୍ରାର୍ଥୀଙ୍କୁ ଦଳୀୟ ପାଣ୍ଠିରୁ ଟଙ୍କାଟିଏ ଦିଆଗଲା ନାହିଁ । ୧୧୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପୁଲିଂ ଏଜେଂଟ ନଥିଲେ । ୧୦୦ଟି ବିଧାନସଭା ଆସନରେ ପ୍ରଚ୍ଚାର, ପୋଷ୍ଟର, ବ୍ୟାନର, ଲିଫଲେଟ, ଗ୍ୟାରେଂଟି କାର୍ଡ଼, ପ୍ରଚ୍ଚାର ଗାଡ଼ି ଦେଖିବାକୁ ମିଳିଲା ନାହିଁ । ତେଣୁ ୨୦୨୪ ନିର୍ବାଚନରେ ଶରତ ସମ୍ପୂର୍ଣ୍ଣ ଭାବେ ହାତ ଟେକି ଦେଇଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଯେଉଁ ପିସିସି ସଭାପତି ଦଳକୁ ନେତୃତ୍ୱ ଦେଉଥିଲେ, ନୂଆପଡ଼ାରେ ନିଜେ ପ୍ରତିଦ୍ୱନ୍ଦିତା କରି ମାତ୍ର ୧୫ ହଜାର ଭୋଟ ପାଇ ଅମାନତ ହରାଇଲେ । ଏଣୁ ଶରତ ପଟ୍ଟନାୟକ କଂଗ୍ରେସ ଦଳ ପାଇଁ କଳଙ୍କ । ତାଙ୍କୁ ତୁରନ୍ତ କଂଗ୍ରେସ ଦଳରୁ ବହିଷ୍କାର କରାଯାଉ । ଯେଉଁମାନେ ପିସିସି ସଭାପତିଙ୍କୁ କାଳିମାଡ଼ କରିଛନ୍ତି, ସେମାନେ ଦଳର ନିଷ୍ଠାବାନ କର୍ମୀ । ଶରତ ପଟ୍ଟନାୟକ ଦଳର ଭୟଙ୍କର କ୍ଷତି କରି ଫୁଲମାଳ ଆଶା କରିବା ଭୁଲ୍ ।

# ଦୁଇଟି ନୂଆ ରେଳ ଲାଇନରେ ଟ୍ରେନ୍ ଟ୍ରାଫିକ୍ ଚଳାଚଳ ପାଇଁ ସ୍ୱୀକୃତି

**ଭୁବନେଶ୍ୱର,୧୭ (ମହାଭାରତ):** ଶାଳଗାଁ-ବୁଢାପଙ୍କ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ



ପ୍ରକଳ୍ପର ଢେଙ୍କାନାଳ-ହିନ୍ଦୋଳ ରୋଡ୍ ସେକ୍ସନ ମଧ୍ୟରେ ୪୦.୯୩୪ କି.ମି.ଦୈର୍ଘ୍ୟ ନୂତନ ଲାଇନ ଏବଂ କୋଟାଭାଲାସା- କିରନ୍ଦୁଲ ଦୋହରୀକରଣ ପ୍ରକଳ୍ପର ଦନ୍ତେୱାଡା-କାମଲୁର ମଧ୍ୟରେ ୧୨.୩୫୩ କି.ମି.ଦୈର୍ଘ୍ୟ ନୂତନ ରେଳ ସେକ୍ସନ ଇତିମଧ୍ୟରେ କାର୍ଯ୍ୟକ୍ଷମ କରାଯାଇପାରିଛି । ରେଳ ନିରାପତା ଆୟୁକ୍ତ ଜୁନ୍ ୨୦୨୪ ର ଶେଷ ସପ୍ତାହରେ ଏହି ନୂତନ ଭାବରେ ନିର୍ମିତ ରେଳ ଲାଇନକୁ ନିରୀକ୍ଷଣ କରିଥିଲେ ଏବଂ ରେଳ ସେକ୍ସନର କାର୍ଯ୍ୟକାରିତା ପାଇଁ ଅନୁମତି ଦେଇଥିଲେ ।

ରେଳ ନିରାପତା ଆୟୁକ୍ତ ନବନିର୍ମିତ ରେଳ ଟ୍ରାକ୍, ସିଗନାଲିଂ ସିଷ୍ଟମ୍, ବ୍ରିଜ୍ ର ସୁରକ୍ଷା ପାରାମିଟର ଯାଂଚ କରିଥିବାବେଳେ ଟ୍ରେନ୍ ଚଳାଚଳ ପାଇଁ ଉଭୟ ପ୍ରକଳ୍ପର ନୂତନ ରେଳ ଲାଇନ କାର୍ଯ୍ୟକ୍ଷମ ପାଇଁ ଘୋଷଣା କରିଛନ୍ତି ।

ପୂର୍ବ ତଟ ରେଳର ବରିଷ୍ଠ ରେଳ ଅଧିକାରୀଙ୍କ ଏକ ଟିମ୍ ନିରୀକ୍ଷଣ ସମୟରେ ରେଳ ନିରାପତା ଆୟୁକ୍ତଙ୍କୁ ସହାୟତା କରିଥିଲେ । ମୋଟାମୋଟି ଭାବେ, ଶାଳଗାଁ-ବୁଢାପଙ୍କ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ପ୍ରକଳ୍ପରେ ସମୁଦାୟ ୧୭୦ କିଲୋମିଟର ମଧ୍ୟରୁ ୮୬.୪ କିମି ତୃତୀୟ ଏବଂ ଚତୁର୍ଥ ଲାଇନ କାର୍ଯ୍ୟ ସମ୍ପାଦନ ହୋଇପାରିଥିବାବେଳେ କୋଟାଭାଲାସା- କିରନ୍ଦୁଲ ଦୋହରୀକରଣ ପ୍ରକଳ୍ପର ଦାନ୍ତେୱାଡା-କାମଲୁର ମଧ୍ୟରେ ସମୁଦାୟ ୪୪୫.୫୯୮ କିଲୋମିଟର ମଧ୍ୟରୁ ୩୦୨.୫୫ କିମି ଦୋହରୀକରଣ କାର୍ଯ୍ୟ ସମାପ୍ତ ହୋଇସାରିଛି ।

# ରାଜ୍ୟସ୍ତରୀୟ ସମନ୍ୱିତ ସର୍ବେକ୍ଷଣ ଅଭିଯାନ ଆରମ୍ଭ

**ଭୁବନେଶ୍ୱର,୧୭ (ମହାଭାରତ):** ରାଜ୍ୟରେ ଆରମ୍ଭ ହୋଇଛି ସମନ୍ୱିତ ସର୍ବେକ୍ଷଣ ଅଭିଯାନ । ଏହି କାର୍ଯ୍ୟକ୍ରମକୁ ଗଞ୍ଜାମର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜରୁ ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ବ୍ରହ୍ମପୁରସ୍ଥିତ ଡାଇମଣ୍ଡ ଜୁବୁଲି ଟାଉନହଲ ପରିସରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ମହାଲିଙ୍ଗ କହିଲେ ଯେ ସ୍ୱାସ୍ଥ୍ୟ ହିଁ ସମ୍ପଦ । ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ । ସମନ୍ୱିତ ସର୍ବେକ୍ଷଣ ଅଭିଯାନ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆବାହକତ୍ୱରେ ହେଉଛି । ଏହା ଲୋକଙ୍କୁ ଡାଇରିଆ, ଡେଙ୍ଗୁ, ଟିବି, କୁଷ୍ଠ, ଯକ୍ଷ୍ମା ଭଳି ମାରାତ୍ମକ ରୋଗ ବିଷୟରେ ସଚେତନ କରାଇବ । ଏହି ବର୍ଷ ହେପାଟାଇଟିସ୍-ବି ପାଇଁ ପରୀକ୍ଷା କରାଯାଇ ନ ଥିବା ଗର୍ଭବତୀ ମହିଳାମାନଙ୍କୁ ମଧ ଏହି ଅଭିଯାନରେ ସାମିଲ କରାଯାଇଛି । ଏହି ଅଭିଯାନ ଆଜିଠାରୁ ଆରମ୍ଭ ହୋଇ ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି



ରହିବ ବୋଲି ମନ୍ତ୍ରୀ ମହାଲିଙ୍ଗ ବକ୍ତବ୍ୟରେ କହିଥିଲେ ।

ଏହି ଅଭିଯାନ ସମୟରେ ଉଭୟ ଗ୍ରାମାଂଚଳ ଓ ସହରାଂଚଳର ସମସ୍ତ ପରିବାରକୁ ଆଶାକର୍ମୀମାନେ ପରିଦର୍ଶନ କରି ଓଆରଏସ୍, ଜିଙ୍କର ବ୍ୟବହାର, ଶୌଚାଳୟ ବ୍ୟବହାର କରିବା ଓ ହାତକୁ ସାବୁନ୍ ରେ ଭଲଭାବେ ଧୋଇବା ଇତ୍ୟାଦି ବିଷୟରେ ସଚେତନ କରାଇବେ । ଜିଙ୍କ, ଓଆରଏସ୍, ଆରଡିଟି ଭଳି ସାମଗ୍ରୀ ମହଜୁଦ ରଖିବା ପାଇଁ ଇଂଟିଗ୍ରେଟେଡ୍ ଆଇଇସି କର୍ନର ସେଟଅପ୍ କରାଯିବ ଏବଂ ନିୟନ୍ତ୍ରଣ ଷ୍ଟକ୍ ସହିତ ପ୍ରଦର୍ଶିତ ହେବ । ଏହି ଅଭିଯାନ ୨୦୧୪ ରୁ ଚାଲିଆସୁଛି ଏବଂ ପ୍ରାୟ ୮,୩୮,୦୦୦ ପରିବାର ଓ ପ୍ରାୟ ୫୦୮୬ ଜଣ ପାଂଚ ବର୍ଷରୁ କମ ବୟସର ଶିଶୁ ଏହି ଅଭିଯାନରେ ସାମିଲ ହୋଇ ଏହାର ସୁଫଳ ପାଇସାରିଛନ୍ତି । ଡାଇରିଆରେ ଚିହ୍ନଟଙ୍କୁ ଓଆରଏସ ଏବଂ ଜିଙ୍କ ସହିତ ଚିକିତ୍ସିତ କରାଯାଇଥିଲା ।

ସେହିଭଳି ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀ ଚିହ୍ନଟ ନିମନ୍ତେ ପ୍ରାୟ ୨୫,୬୪୦ ଜ୍ୱର ପରୀକ୍ଷା କରାଯାଇଛି, ଟିବି ନିମନ୍ତେ ୨୫୯୧ଟି ଓ ୧୯୯୪ଟି କୁଷ୍ଠଜନିତ ରୋଗୀଙ୍କୁ ଚିହ୍ନଟ କରାଯାଇ ତଦନୁସାରେ ପଦକ୍ଷେପ ନିଆଯାଇଛି । ଏହା ଏକ ବୃହତ ଓ ଏକୀକୃତ ଅଭିଯାନ, ଯାହାର ସମୟ ସମୟରେ ଟିଭି, ସମ୍ବାଦପତ୍ର, ରେଡ଼ିଓ ଓ ଗଣମାଧ୍ୟମ ମାଧ୍ୟମରେ ସଚେତନତା କରାଯାଉଛି । ସମସ୍ତ ଆଶାକର୍ମୀଙ୍କୁ ଏନେଇ ଏକ ରେଫରେନ୍ସ ପୁସ୍ତିକା ପ୍ରଦାନ କରାଯାଇଛି । ଅନ୍ୟତମ ଅତିଥିଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଆମେ ଆଶା କରୁଛୁ ଯେ ଚଳିତ ବର୍ଷ ମଧ ଏହି ଅଭିଯାନ ସଫଳତାର ସହ କାର୍ଯ୍ୟକାରୀ ହେବ ଏବଂ ମିଳିମିଶି ସମସ୍ତେ ଏହାର ଲକ୍ଷ୍ୟ ହାସଲ କରିବା ।

# ପାନ୍ଥନିବାସରେ ଶ୍ରୀଜଗନ୍ନାଥ ଶୀର୍ଷକ ଚିତ୍ରଶିଳ୍ପୀ ଶିବିର

**ଭୁବନେଶ୍ୱର,୧୭ (ମହାଭାରତ):** ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୮ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ଆୟୋଜିତ ହୋଇଛି ରାଜ୍ୟସ୍ତରୀୟ 'ଶ୍ରୀଜଗନ୍ନାଥ' ଶୀର୍ଷକ ଚିତ୍ରଶିଳ୍ପୀ ଶିବିର । ଏହି ଚିତ୍ରଶିଳ୍ପୀ ଶିବିରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନେ ଅଂଶଗ୍ରହଣ କରି ରଙ୍ଗ ଓ ତୁଳୀର କାନ୍‌ଭାସ ଉପରେ ପୁରୀର ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମ୍ବନ୍ଧୀୟ ଚିତ୍ରକଳା ଅଙ୍କନ କରିବେ । ଏହି ଚିତ୍ରକଳା ଶିବିରକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, କଳିଙ୍ଗ ସମ୍ମିଳନୀ କକ୍ଷ ଭୁବନେଶ୍ୱର ପାନ୍ଥନିବାସ ଠାରେ ଶୁଭ ଉଦ୍‌ଘାଟନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଉପରେ ପର୍ଯ୍ୟବେଶିତ ଚିତ୍ରକଳାଗୁଡ଼ିକର ମାଧୁର୍ଯ୍ୟ ଭକ୍ତ ଏବଂ କଳାପ୍ରେମୀମାନଙ୍କୁ ଆକୃଷ୍ଟ ଏବଂ ଆମ୍ବନ୍ଦିତ କରିବାରେ ସକ୍ଷମ ହେବ ବୋଲି ପ୍ରକାଶ କରିଛନ୍ତି ।



ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ,ମଧୁସୂଦନ ଦାସ, ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ ସମିତି ସଭ୍ୟ ତଥା ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଅକ୍ଷୟ କୁମାର ସାମଲ ଏବଂ ସଭ୍ୟ ଶ୍ୟାମସୁନ୍ଦର ମେହେର ଏତଦ୍‌ବ୍ୟତୀତ ବରିଷ୍ଠ ଚିତ୍ରଶିଳ୍ପୀ ତଥା ଏକାଡେମୀର ପୂର୍ବତନ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଅନ୍ୟତମ ପୂର୍ବତନ ସଚିବ ଡ. ପଞ୍ଚାନନ ସାମଲଙ୍କ ସମେତ ବହୁ ଚିତ୍ରଶିଳ୍ପୀ ଯୋଗ ଦେଇଥିଲେ ।

ଉକ୍ତ ଶିବିରରେ ଜୟନ୍ତ କୁମାର ପଣ୍ଡା, ନୃସିଂହ ନାୟକ, ଭୁବନ ମୋହନ ତ୍ରିପାଠୀ, ବିଜୟ କୁମାର ସାହୁ, ଅଲିନା ବିଶ୍ୱାଳ, କିରଣ ପ୍ରଭା ମିଶ୍ର, କଲ୍ୟାଣ ବାରିକ, ରାଧେଶ୍ୟାମ ବାରିକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ବ୍ରହ୍ମାନନ୍ଦ ବେହେରା, ରମେଶ ଦେ, ଶଶିକାନ୍ତ ସାହୁ, ଦୁର୍ଗା ମାଧବ କର, ଖୋକନ ସରକାର, ସୀମା ବେହେରା, ରାଜକିଶୋର ଦିଣ୍ଡା, ତନ୍ମୟ କୁମାର ଭୋଳ, ଡ. ଦିନବନ୍ଧୁ ସାହୁ, ସପଥ ଦାସ, ଶ୍ରୀକାନ୍ତ ଦାସ, ପ୍ରସନ୍ନ କୁମାର ଆଚାର୍ଯ୍ୟ, ବ୍ରଜନାରାୟଣ ଷଡଙ୍ଗୀ, କିଶୋର କୁମାର ସାହୁ, ପୁଷ୍ପଲତା ସାହୁ, ଚିନ୍ତାମଣି ବିଶ୍ୱାଳ, ମନୋରଞ୍ଜନ ଦାସ, ଦାସରଥୀ ମହନ୍ତ ଓ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପରେ ଚିତ୍ର ଅଙ୍କନ କରିବେ । ଏହି ଶିବିରଟି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଦେବାନନ୍ଦ ବରିହା, ଉପନିର୍ଦ୍ଦେଶକ ତଥା ଏକାଡେମୀର ସଚିବ ଏହି ଉଦ୍‌ଘାଟନୀ ଉତ୍ସବକୁ ପରିଚାଳନା କରିଥିଲେ ।

# ଅନଶନ ଭାଙ୍ଗିଲେ ଶ୍ରେୟାସ୍ମିତା ପଣ୍ଡା

**ଭୁବନେଶ୍ୱର,୧୭ (ମହାଭାରତ):** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୯ ଦିନ ଧରି ଧାରଣାରେ ବସିଥିବା ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦିକା ଶ୍ରେୟାସ୍ମିତା ପଣ୍ଡା ସୋମବାର ଦିନ କଂଗ୍ରେସ ଭବନ ସମ୍ମୁଖରୁ ତାଙ୍କର ଅନଶନ ଭଙ୍ଗ କରିଛନ୍ତି । କ୍ୟାପିଟାଲ ଥାନାର ଅଧିକାରୀ, ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ୟାସିର ନୱାଜ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଦୀପ ପାତ୍ର, ପୂର୍ବତନ ଏଆଇସିସି ସଭ୍ୟା ଜାନକୀ ମଲ୍ଲିକ, ଲିପିକା ପାତ୍ର, ଲିପ୍ସା ନାୟକ ପ୍ରମୁଖ କିଛି କଂଗ୍ରେସ ନେତୃବୃନ୍ଦଙ୍କ ଅନୁରୋଧ କ୍ରମେ ସୋମବାର ଶ୍ରୀମତୀ ପଣ୍ଡା ମୁଖ୍ୟ ଫାଟକ ପାଖରୁ ଉଠି ଯାଇଛନ୍ତି, ମାତ୍ର ସେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଭିତରେ ତାଙ୍କର ଧାରଣା ଚାଲୁ ରଖିବେ ବୋଲି ଜଣାପଡ଼ିଛି ।

# ରାଉରକେଲା ଷ୍ଟିଲ ପ୍ଲାଂଟ ଗ୍ୟାସ୍ ଲିକ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଶ୍ରମ ମନ୍ତ୍ରୀ

**ଭୁବନେଶ୍ୱର,୧୭ (ମହାଭାରତ):** ରାଉରକେଲା ଷ୍ଟିଲ ପ୍ଲାଂଟର ବ୍ଲାଷ୍ଟ ଫର୍ଣ୍ଣେନ୍ସରେ ଗ୍ୟାସ୍ ଲିକ୍ ଯୋଗୁଁ ୯ ଜଣ ଆହତ ହେବା ଏକ ଅଭାବନୀୟ ଓ ଦୁର୍ଭାଗ୍ୟଜନକ ଅଘଟଣ । ଏହି ଘଟଣାରେ ଭୁଲ ଓ ଅବହେଳା ଥିଲେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶରାମ ସିଂଖୁଂଟିଆ ପ୍ରକାଶ କରିଛନ୍ତି । ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଏ ସମ୍ବନ୍ଧରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଖୁଂଟିଆ ନିର୍ଦ୍ଦେଶ ଦେଇଛନ୍ତି । ପ୍ଲାଂଟର (୫ ନମ୍ବର) ବ୍ଲାଷ୍ଟ ଫର୍ଣ୍ଣେନ୍ସରେ ଆଜି ପୂର୍ବାହ୍ନ ୧୦ଟା ୧୫ ମିନିଟ୍ ରେ ଗ୍ୟାସ୍ ଲିକ୍ ହୋଇଥିଲା । ଏଥିରେ ୯ ଜଣ ଶ୍ରମିକ (୩ ଜଣ ନିୟମିତ ଓ ୬ ଜଣ ଠିକା ଶ୍ରମିକ) ଆହତ ହୋଇଥିଲେ । ଡେପୁଟି ଡାଇରେକ୍ଟର ଓ ଆସିଷ୍ଟାଂଟ ଡାଇରେକ୍ଟର ଅଫ୍ ଫାକ୍ଟ୍ରିଜ୍ ଓ ବଏଲରସ୍ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ । ଆହତ ୯ ଜଣଙ୍କୁ ତତ୍‌କ୍ଷଣାତ୍ ଷ୍ଟିଲ୍ ପ୍ଲାଂଟର ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା । ତନ୍ମଧ୍ୟରୁ ଜଣଙ୍କୁ ଅକ୍ସିଜେନ୍ ଦେବା ପରେ ଛାଡ଼ି ଦିଆଯାଇଥିଲା ଓ ଅନ୍ୟ ୮ ଜଣଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍‌ପିଟାଲ୍ ରେ ଭର୍ତ୍ତି କରାଯାଇଥିଲା । ୭ ଜଣ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ । ତେବେ ସେମାନେ ଆଇସିୟୁରେ ଅଛନ୍ତି ଓ ଅକ୍ସିଜେନ୍ ଦିଆଚାଲିଛି । ଡେପୁଟି ଡାଇରେକ୍ଟର ଅଫ୍ ଫାକ୍ଟ୍ରିଜ୍ ଓ ବଏଲରସ୍ ବିଭୁ ପ୍ରସାଦ ଜଣାଇଛନ୍ତି ଯେ ଅନ୍ୟ ଜଣେ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି ।

# କୋକାକୋଲା ଇଣ୍ଡିଆ ଏବଂ ସ୍କିଲ ଇଣ୍ଡିଆର ସୁପର ପାୱାର ରିଟେଲର କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୭ :** ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଥିବା କୋକାକୋଲା ଇଣ୍ଡିଆ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ସୁପର ପାୱାର ରିଟେଲର କାର୍ଯ୍ୟକ୍ରମ ଦ୍ୱାରା ଓଡିଶାର ଖୁଚୁରା ସ୍ଥିତିକୁ ବିକଶିତ କରିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି । ସାତ ମାସ ମଧ୍ୟରେ, ମହିଳା ରିଟେଲରମାନଙ୍କୁ ଅନ୍ତର୍ଭୁକ୍ତ କରି ଏହି ପଦକ୍ଷେପ ମାଧ୍ୟମରେ ୧୪୦୦୦ ରୁ ଅଧିକ ଖୁଚୁରା ବ୍ୟବସାୟୀଙ୍କୁ ସଶକ୍ତ କରାଯାଇ ପାରିଛି । ୧୫ ଅକ୍ଟୋବର ୨୦୨୩ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ପୂର୍ବତନ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ଏବଂ ଏହା ରାଜ୍ୟର ଖୁଚୁରା ବ୍ୟବସାୟୀଙ୍କ ମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହି ଅବସରରେ ଏନଏସଡିସିର ସିଇଓ ତଥା ଏନଏସଡିସି ଇଂଟରନ୍ୟାଶନାଲର ଏମଡି ବେଦ ମଣି ତିୱାରୀ କହିଲେ, ଖୁଚୁରା ସ୍ଥିତିକୁ ଟେକ୍ନୋଲୋଜିର ଏକୀକରଣ ସହିତ ଦ୍ରୁତ ଗତିରେ ବିକଶିତ ହେଉଥିବା ଦେଖି ଆମେ ଆମର ଖୁଚୁରା ବ୍ୟବସାୟୀମାନଙ୍କୁ ସେମାନଙ୍କର ସାମର୍ଥ୍ୟ ଏବଂ ଦକ୍ଷତା ବୃଦ୍ଧିରେ ବିନିଯୋଗ କରୁଛୁ । ମୁଁ ନିଶ୍ଚିତ ଯେ କୋକାକୋଲା ଇଣ୍ଡିଆ ସହିତ ଏହି ସହଭାଗୀତା ହିତାଧିକାରୀମାନଙ୍କୁ ସେମାନଙ୍କର ବ୍ୟବସାୟକୁ ବିସ୍ତାର କରିବା ଏବଂ ଗ୍ରାହକଙ୍କ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଆବଶ୍ୟକ ଜ୍ଞାନ ଯୋଗାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହା ଭାରତର ଅର୍ଥନୀତିକୁ ମଜବୁତ କରିବ । ଏଆଇଡିଏ (ସ୍କିଲ ଇଣ୍ଡିଆ ଡିଜିଟାଲ ହବ)ର ଏକୀକରଣ ନିଶ୍ଚିତ କରିବ ଯେ ଶିକ୍ଷାର୍ଥୀମାନେ ଡିଜିଟାଲ ବିଷୟବସ୍ତୁ ପାଇପାରିବେ, ଯାହା ଦ୍ୱାରା ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଡିଜିଟାଲ ଇନ-ଡିମାଣ୍ଡ କୌଶଳ ହାସଲ ହୋଇପାରିବ ।

ଏହି ପଦକ୍ଷେପର ଅଗ୍ରଗତି ସମ୍ପର୍କରେ କୋକାକୋଲା ଇଣ୍ଡିଆ ଏବଂ ଦକ୍ଷିଣ-ପଶ୍ଚିମ ଏସିଆର ମାନବ ସମ୍ବଳ ଉପସଭାପତି ଆଇରେନ ଟାନ କହିଲେ, କୋକାକୋଲା ଏକ ଅନୁକୂଳ ତଥା ସକ୍ଷମ ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରୁଛି ଯାହା ଖୁଚୁରା ବ୍ୟବସାୟୀଙ୍କ ବ୍ୟବସାୟକୁ ବିସ୍ତାର କରିବାକୁ ଅନୁମତି ଦେଇଥାଏ ଏବଂ ଉପଭୋକ୍ତା ଅଭିଜ୍ଞତାକୁ ବୃଦ୍ଧି କରିଥାଏ । ସୁପର ପାୱାର ରିଟେଲର ପ୍ରୋଗ୍ରାମ ସକାରାତ୍ମକ ପ୍ରଭାବଗୁଡିକ ପ୍ରତି ଆମର ପ୍ରତିବଦ୍ଧତା ପ୍ରଦର୍ଶନ ଜାରି ରହିଛି । ସ୍କିଲ ଇଣ୍ଡିଆ ମିଶନ ସହିତ ଆମର ସହଭାଗିତା ଖୁଚୁରା ବ୍ୟବସାୟୀଙ୍କର ଶିଳ୍ପ-ନିର୍ଦ୍ଦିଷ୍ଟ କୌଶଳର ଅଭିନବ ବିତରଣକୁ ସୂଚିତ କରେ, ସମସ୍ତଙ୍କ ପାଇଁ ସୁଯୋଗର ଦ୍ୱାର ଖୋଲିଥାଏ ।

# ନନ୍ଦନ ଡେନିମ୍ ଲିମିଟେଡ୍ ବୋର୍ଡ ୧:୧୦ ଷ୍ଟକ୍ ସ୍ପ୍ଲିଟ୍‌କୁ ଅନୁମୋଦନ

**ଭୁବନେଶ୍ୱର,୧୭ :** ଡେନିମ୍ ଶିଳ୍ପରେ ଅଗ୍ରଣୀ ନନ୍ଦନ ଡେନିମ୍ ଲିମିଟେଡ୍ (ବିଏସ୍‌ଇ: ୫୩୨୬୪୧, ଏନଏସଇ: ଏନଡିଏଲ୍) ଘୋଷଣା କରିଛି ଯେ କମ୍ପାନି ର ଅଂଶଧନଧାରୀ ଏବଂ ଅନ୍ୟ ବୈଧାନିକ ନିୟାମକ କର୍ତ୍ତୃପକ୍ଷଙ୍କ ଅନୁମୋଦନ ସାପେକ୍ଷରେ ୧୦ ଟଙ୍କା ଫେସ୍ ମୂଲ୍ୟର ୧୦ ଟି ସେୟାରକୁ ୧:୧୦ ଅନୁପାତରେ ସବ୍-ଡିଭିଜନ/ସ୍ପ୍ଲିଟ୍ ଅଫ୍ ଇକ୍ୱିଟି ସେୟାରକୁ ଅନୁମୋଦନ କରାଯାଇଛି । ଯାହା ଆବଶ୍ୟକ ହୋଇପାରେ । ଏହି ପରିପ୍ରେକ୍ଷୀରେ, ଉପଖଣ୍ଡ / ବିଭାଜନ ପାଇଁ ରେକର୍ଡ ତାରିଖ ଷ୍ଟକ୍ ଏକ୍ସଚେଞ୍ଜଗୁଡିକୁ ଠିକ୍ ସମୟରେ ଅବଗତ କରାଯିବ ।

ଏହା ପୂର୍ବରୁ କମ୍ପାନୀ ୩୧ ମାର୍ଚ୍ଚ ୨୦୨୪ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ବର୍ଷର ଆୟ ଘୋଷଣା କରିଥିଲା । ୩୧ ମାର୍ଚ୍ଚ ୨୦୨୪ରେ ଶେଷ ହୋଇଥିବା ତ୍ରୈମାସିକରେ କଂପାନି ର ପରିଚାଳନାରୁ ଆୟ ୫୭୯.୧୨ କୋଟି ଟଙ୍କା ରହିଛି, ଯାହା ବାର୍ଷିକ ୨୬.୬୮% ବୃଦ୍ଧି । ବିଶ୍ୱର ଅଗ୍ରଣୀ ଡେନିମ୍ ନିର୍ମାତା ନନ୍ଦନ ଡେନିମ୍ ଲିମିଟେଡ୍ ୨୭ ବର୍ଷରୁ ଅଧିକ ସମୟ ଧରି ଡେନିମ୍ ଶିଳ୍ପକୁ ପୁନଃସଂକଳ୍ପିତ କରୁଛି । ଫ୍ୟାଶନ ଏବଂ ଡିଜାଇନ ପ୍ରତି ଆଗ୍ରହ ଥିବା ଏହି ସଂସ୍ଥା ପ୍ରତିବର୍ଷ ୨୦୦୦ରୁ ଅଧିକ ଡେନିମ ପ୍ରଡକ୍ଟ ଉତ୍ପାଦନ କରିଥାଏ । ଏହି କମ୍ପାନି ଡେନିମ୍ ଫେବ୍ରିକ୍, ସୂତା/ରଙ୍ଗୀନ ସୂତା, କଟନ୍ ଫେବ୍ରିକ୍ ଏବଂ ସାର୍ଟିଂ କପଡ଼ା ପ୍ରସ୍ତୁତ କରି ବିଶ୍ୱର ପ୍ରସିଦ୍ଧ ଗ୍ରାହକଙ୍କୁ ଯୋଗାଇଥାଏ । ବିଭିନ୍ନ ପ୍ରକାରର ଉତ୍ପାଦ ସହିତ, କମ୍ପାନୀ ସ୍କେଲର ଅର୍ଥନୀତିର ଲାଭ ଉଠାଇଥାଏ ଏବଂ ସବୁଠାରୁ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ପ୍ରମୁଖ ଉତ୍ପାଦଗୁଡିକରେ ଏହାର ବଜାର ନେତୃତ୍ୱ ବଜାୟ ରଖିଥାଏ ।

# ଓଡ଼ିଶା କିନ୍ନର ସମାଜର ସମସ୍ତ ଜିଲ୍ଲାର ସଭାପତି ବିଜେପିରେ ଯୋଗ ଦେଲେ

**ଭୁବନେଶ୍ୱର,୧୭ (ମହାଭାରତ):** ଶୋଷିତ, ଦଳିତ, ଅବହେଳିତ, ବଂଚିତ ବର୍ଗକୁ ସମାଜର ମୁଖ୍ୟସ୍ରୋତରେ ଆଣିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ସମାଜର ସବୁ ବର୍ଗ ଆଜି ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରୁଛନ୍ତି । ଭାରତୀୟ ଜନତା ପାର୍ଟୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ରାଜ୍ୟ କିନ୍ନର ସମାଜର ହଜାର ହଜାର କିନ୍ନର ସାଥୀ ବିଜେପିରେ ସାମିଲ ହୋଇଛନ୍ତି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ସୋମବାର ରାଜ୍ୟ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ସୁଇଟି ସାହୁଙ୍କ ନେତୃତ୍ୱରେ ଓଡ଼ିଶା କିନ୍ନର ସମାଜର ସମସ୍ତ ଜିଲ୍ଲାର ସଭାପତି ଓ ସାଥୀ ବିଜେପିରେ ଯୋଗ ଦେଇଛନ୍ତି । ଅନୁଗୁଳ ଜିଲ୍ଲା ସଭାପତି ପ୍ରିୟା, ବାଲେଶ୍ୱର ଜିଲ୍ଲା ସଭାପତି ପ୍ରିୟା, କେନ୍ଦୁଝର ଜିଲ୍ଲା ସଭାପତି ପ୍ରାଚୀ, ଯାଜପୁର ଜିଲ୍ଲା ସଭାପତି ସୁନିତା, ବରଗଡ ଜିଲ୍ଲା ସଭାପତି ମେହେନ୍ଦି, କେନ୍ଦ୍ରାପଡା ଜିଲ୍ଲା ସଭାପତି ଏଲିନା, ବୌଦ୍ଧ ଜିଲ୍ଲା ସଭାପତି ମିନୁ, କଟକ ଜିଲ୍ଲା ସଭାପତି ଶୀତଲ, ଦେବଗଡ ଜିଲ୍ଲା ସଭାପତି ଲିଟୁ, ଢେଙ୍କାନାଳ ଜିଲ୍ଲା ସଭାପତି ଦେବଯାନୀ, ଗଜପତି ଜିଲ୍ଲା ସଭାପତି ବିଦ୍ୟା, ପୁରୀ ଜିଲ୍ଲା ସଭାପତି ଦିବ୍ୟା, ନବରଙ୍ଗପୁର ଜିଲ୍ଲା ସଭାପତି ଦେବୁଲିନା, ମୟୂରଭଞ୍ଜ ଜିଲ୍ଲା ସଭାପତି ଚୁମକୀ, ଖୋର୍ଦ୍ଧା ଜିଲ୍ଲା ସଭାପତି ସୁଧା, ମାଲକାନଗିରି ଦୁର୍ଗା, ଚିନ୍ମୟୀ ବେହେରାଙ୍କ ନେତୃତ୍ୱରେ ହଜାର ହଜାର



ସଭାପତି ମଧୁ ବରାଡ, ଗଞ୍ଜାମ ଜିଲ୍ଲା ସଭାପତି ଶିବାନୀ, କନ୍ଧମାଳ ଜିଲ୍ଲା ସଭାପତି ରୀନା, ଜଗତସିଂହପୁର ଜିଲ୍ଲା ସଭାପତି ମାମା, ନୟାଗଡ ଜିଲ୍ଲା ସଭାପତି ଚୁମକୀ, ରାୟଗଡା ଜିଲ୍ଲା ସଭାପତି ପିଙ୍କି, ସୁନ୍ଦରଗଡ ଜିଲ୍ଲା ସଭାପତି ଲକ୍ଷ୍ମୀ, ସୁବର୍ଣ୍ଣପୁର ଜିଲ୍ଲା ସଭାପତି ସୋନମ, ସମ୍ବଲପୁର ଜିଲ୍ଲା କିନ୍ନର ସାଥୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ସେହିପରି କଟକ ଜିଲ୍ଲାର ଉର୍ମିଳା ନର୍ସିଂହୋମ୍‌ର ମାଲିକ ଅଭୟ କୁମାର ଦାସ ଓ ଭୁବନେଶ୍ୱର ସ୍ଥିତ ଡମଣା ଅଂଚଳର ମହିଳା ସଭାନେତ୍ରୀ ପ୍ରୀତିସ୍ମିତା ରାଉତରାୟ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି ।

# ରାଜନୀତିରେ ଓଡ଼ିଶା କେନ୍ଦ୍ରବିନ୍ଦୁ

ଓଡ଼ିଶାରେ ମାତ୍ର ୨୧ଟି ଲୋକସଭା ଆସନ ରହିଛି। ସଂଖ୍ୟା ଦୃଷ୍ଟିରୁ ୟୁପି, ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଅବିଭକ୍ତ ଆନ୍ଧ୍ରପ୍ରଦେଶ, ତାମିଲନାଡୁ , ଗୁଜରାଟ, ଅବିଭକ୍ତ ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ରାଜସ୍ଥାନର ପ୍ରଭାବ ଓଡ଼ିଶା ତୁଳନାରେ ଅଧିକ ରହିଥିଲା। ଏପରିକି ମାତ୍ର ୧୦ଟି ଲୋକସଭା ଆସନ ଥିବା ହରିୟାନାର ରାଜନୈତିକ ପ୍ରଭାବ ମଧ୍ୟ ଅଧିକ ରହିଥିଲା ଏବଂ ଏବେ ବି ଅଧିକ ରହିଛି। କାରଣ ହରିୟାନା ହେଉଛି ହିନ୍ଦୀ ଭାଷାଭାଷି ଅଞ୍ଚଳ। ଏହାର ପ୍ରଭାବ ସମଗ୍ର ଉତ୍ତର ଭାରତ ଉପରେ ପଡ଼ିଥାଏ। ଷାଠିଏ ଏବଂ ସତୁରୀ ଦଶକରେ ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନନ୍ଦନୀ ଶତପଥି ଏବଂ ପରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭଳି ଦକ୍ଷ ନେତା ରହିଥିଲେ ମଧ୍ୟ ସେତେବେଳେ କେନ୍ଦ୍ରରେ କ୍ଷମତାସୀନ କଂଗ୍ରେସ ଓଡ଼ିଶାକୁ ସବୁ ବେଳେ ହୀନ ଦୃଷ୍ଟିରେ ଦେଖୁଥିଲା। ଅଶୀ ଦଶକରେ ଓଡ଼ିଶାର ୨୧ ଲୋକସଭା ଆସନରୁ କଂଗ୍ରେସ ୨୦ଟି ଆସନ ଜିତିଛି, ମାତ୍ର ସ୍ୱଳ୍ପ ସମୟ ପାଇଁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ବାଦ ଦେଲେ ଆଉ କେହି କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦ ପାଇନଥିଲେ। କିନ୍ତୁ ଯେତେବେଳେ କେନ୍ଦ୍ରରେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି ସେତେବେଳେ ଓଡ଼ିଶାକୁ ନ୍ୟାୟ ଏବଂ ମାନ୍ୟତା ମିଳିଛି। ୧୯୭୭ରେ ମୋରାରଜୀ ଦେଶାଇ ସରକାରରେ ଓଡ଼ିଶାରୁ ବିଜୁ ପଟ୍ଟନାୟକ ଏବଂ ରବି ରାୟ ଦୁଇଜଣ କ୍ୟାବିନେଟ ମନ୍ତ୍ରୀ ଏବଂ ସମରେନ୍ଦ୍ର କୁଣ୍ଡୁ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ବିଜୁ ପଟ୍ଟନାୟକ ଥିଲେ ଜାତୀୟ ସ୍ତରରେ ଅଣକଂଗ୍ରେସ ରାଜନୀତିର କର୍ଣ୍ଣଧାର। ତତ୍କାଳୀନ ଜନତା ଦଳର ସେ ଥିଲେ କ୍ରାଇସିସ ମ୍ୟାନେଜର। ୧୯୮୯ରେ ଭି ପି ସିଂହଙ୍କୁ ପ୍ରଧାନମନ୍ତ୍ରୀ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଭି ପିଙ୍କ ସରକାରରେ ଶ୍ରୀକାନ୍ତ ଜେନା, ନୀଳମଣି ରାଉତରା. ଭାଗେ ଗୋବର୍ଦ୍ଧନ ଏବଂ ଭକ୍ତ ଚରଣ ଦାସ ପ୍ରମୁଖ କେନ୍ଦ୍ରରେ ମନ୍ତ୍ରୀ ପଦ ପାଇଥିଲେ। ଦେବଗୌଡ଼ା ଏବଂ ଗୁଜରାଲ ସରକାରରେ ମଧ୍ୟ ଓଡ଼ିଶା ଉପଯୁକ୍ତ ପ୍ରତିନିଧିତ୍ୱ ପାଇଥିଲା। ଭି ପିଙ୍କ ସମୟରେ ରବି ରାୟ ହୋଇଥିଲେ ଲୋକସଭାର ବାଚସ୍ପତି। କିନ୍ତୁ ପି ଭି ନରସିଂହ ରାଓଙ୍କ ସରକାରରେ ଓଡ଼ିଶାକୁ ସେଭଳି ଗୁରୁତ୍ୱ ଦିଆଯାଇନଥିଲା। କାହ୍ନୁ ଚରଣ ଲେଙ୍କାଙ୍କୁ ରେଳବାଇ ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା। କେ ପି ସିଂହଦେଓଙ୍କୁ ମଧ୍ୟ ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା। ମନମୋହନ ସିଂହ ସରକାରରେ ମଧ୍ୟ ଓଡ଼ିଶାକୁ ଅବହେଳିତ ରଖାଯାଇଥିଲା। ଏଥିପାଇଁ କଂଗ୍ରେସ ଓଡ଼ିଶାରେ ଦୀର୍ଘ ବର୍ଷ ହେବ ଉଠିପାରୁନି। ତେବେ କେନ୍ଦ୍ରରେ ଯେବେଠାରୁ ବିଜେପି ନେତୃତ୍ୱାଧିନ ଏନଡିଏ ସରକାର ଗଠିତ ହୋଇଛି ସେତେବେଳେ ଓଡ଼ିଶାକୁ ଯଥେଷ୍ଟ ଅଧିକ ଗୁରୁତ୍ୱ ଦିଆଯାଇଛି। ବାଜପେୟୀଙ୍କ ସମୟରେ ଓଡ଼ିଶାର ଅନେକ ନେତା କେନ୍ଦ୍ରରେ ମନ୍ତ୍ରୀ ପଦ ପାଇଥିଲେ। ନିଜେ ନବୀନ ପଟ୍ଟନାୟକ, ଜୁଏଲ ଓରାମ, ଅର୍ଜୁନ ଚରଣ ସେଠୀ, ବ୍ରଜ କିଶୋର ତ୍ରିପାଠୀ, ଦେବେନ୍ଦ୍ର ପ୍ରଧାନ, ଦିଲ୍ଲୀପ ରାୟ ପ୍ରମୁଖ କେନ୍ଦ୍ରରେ ବିଭିନ୍ନ ସମୟରେ ମନ୍ତ୍ରୀ ହୋଇଥିଲେ। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଗଠିତ ହେବା ପରେ ଓଡ଼ିଶାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। କେବଳ କେନ୍ଦ୍ରରେ ମନ୍ତ୍ରୀ ପଦ ନୁହେଁ, ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଓଡ଼ିଆମାନେ ସ୍ଥାନୀତ ହୋଇଛନ୍ତି। ଏବେ ଜାତୀୟ ରାଜନୀତିରେ ଓଡ଼ିଶା କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶାରୁ କେନ୍ଦ୍ରରେ ୩ଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦ ପାଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷା, ଜୁଏଲ ଓରାମଙ୍କୁ ଆଦିବାସୀ ବ୍ୟାପାର ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ରେଳବାଇ ସହ ଆଇଟି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଦାୟିତ୍ୱ ପ୍ରଦାନ କରାଯାଇଛି।

# ଓଡ଼ିଶାର ଅର୍ଥନୀତି ବିକାଶର ରେଡ଼ କାର୍ପେଟ

॥ ବିପିନ ବିହାରୀ ରାଉତ ॥

*ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ।*

ବିଦାୟୀ ବର୍ଷ ୨୦୨୨ରେ ରାଜ୍ୟ ହାସଲ କରିଛି ଅନେକ ଉପଲବ୍ଧି। ଶିଳ୍ପାୟନର ଯାତ୍ରାରେ କେବେ ବି ବ୍ରେକ ଲାଗିନାହିଁ। ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧିର ମନ୍ତ୍ର ନେଇ ଆଗକୁ ବଢ଼ି ଚାଲିଛି ଚିର ସବୁଜ ଓଡ଼ିଶା। ନିବେଶକଙ୍କୁ ଟାଣିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ ରାଜ୍ୟ। ମେକ ଇନ ଓଡ଼ିଶା ସମ୍ମିଳନୀ ଜରିଆରେ ରାଜ୍ୟକୁ ହୋଇଛି ନିବେଶ ବର୍ଷା। ଗୋଟିଏ ମଞ୍ଚରେ ଏକାଠି ହୋଇ ରାଜ୍ୟର ବିକାଶ କାହାଣୀ ଲେଖିଛନ୍ତି ଦେଶ ବିଦେଶର ଶିଳ୍ପ ମୁଖିଆ। ମହିଳା ସଶକ୍ତିକରଣକୁ ଦିଆଯାଉଛି ପ୍ରାଧାନ୍ୟ। ନୀତିଗତ ସଂସ୍କାର ଯୋଗୁ ରାଜ୍ୟ ଦ୍ରୁତ ବେଗରେ ବଢ଼ିଛି। ଷ୍ଟାର୍ଟଅପ ଇକୋସିଷ୍ଟମରେ ଆସିଛି ବ୍ୟାପକ ପରିବର୍ତ୍ତନ। ତଳୁଆ ରାଜ୍ୟରୁ ଲମ୍ବା ଲମ୍ଫ ଡେଇଁ ଓଡ଼ିଶା ପାଲଟିଛି ଆଗଭର। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ମଜଭୁତ ହୋଇଛି। ଏକ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନକୁ ଦିଗ ଦେଖାଇଛନ୍ତି ରାଜ୍ୟ ସରକାର। ଏହି ଲକ୍ଷ୍ୟ ହାସଲ ପାଇଁ ଆଣିଛନ୍ତି ଦୃଢ଼ ରଣନୀତି।

ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ସୃଷ୍ଟି ହେବ ୧୦.୩୮ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି। ମହାମାରୀ ପରେ ଏଭଳି ଏକ ସଫଳତା ପାଇବା ଅତ୍ୟନ୍ତ ଖୁସିର ବିଷୟ। ଏହି ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ କଠିନ ପରିଶ୍ରମ କରି ଓଡ଼ିଶାକୁ ଅଭିବୃଦ୍ଧିର ନୂଆ ଯୁଗକୁ ନେଇଯିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଟ୍ରିଲିୟନ ଡଲାର ସ୍ୱପ୍ନ : ଏ ବର୍ଷର ମେକ ଇନ ଓଡ଼ିଶା ସମ୍ମିଳନୀରେ ନୂତନ ସମ୍ଭାବନାର ମାଟିକୁ ଶିଳ୍ପପତିମାନଙ୍କୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଦେଶର ଏକ ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ନିବେଶ ସ୍ଥଳ। ସମସ୍ତ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଉଥିବା ଏକ ପ୍ରଗତିଶୀଳ ରାଜ୍ୟ। ମୋ ସରକାର ଏବଂ ୫ଟି ଲୋକଙ୍କୁ ପ୍ରତିଷ୍ଠା ଏବଂ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି। ରାଜ୍ୟର ନିରନ୍ତର ବିକାଶ ଏଜେଣ୍ଡା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, କୃଷି, ମହିଳା ସଶକ୍ତିକରଣ, ଆଦିବାସୀ ଉନ୍ନୟନ ଆଦି ଉପରେ ଗୁରୁତ୍ୱ ଦେଉଛି। ୭୦ଲକ୍ଷ ମହିଳାଙ୍କୁ ନେଇ ଗଠିତ ମିଶନ ଶକ୍ତି ଏକ ସ୍ୱତନ୍ତ୍ର ସଶକ୍ତିକରଣ ଅଭିଯାନ। ସ୍ୱାସ୍ଥ୍ୟ ବୀମା ଯୋଜନା ବିଏସକେୱାଇ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ।

ନୂଆ ଶିଳ୍ପନୀତି : ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଶିଳ୍ପନୀତି ଉନ୍ମୋଚନ କରିଛନ୍ତି। ଏଥିରେ ପ୍ରାୟୋରିଟି ଏବଂ ଥ୍ରଷ୍ଟ ଭଳି ଦୁଇଟି ସେକ୍ଟରକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ୨୦୦ରୁ ଅଧିକ ଲୋକ ନିଯୁକ୍ତି ପାଉଥିବା କ୍ଷେତ୍ରକୁ ପ୍ରାୟୋରିଟି ସେକ୍ଟର ଏବଂ ୧୦୦୦ରୁ ଅଧିକ ନିଯୁକ୍ତି ଦେଉଥିବା କ୍ଷେତ୍ରକୁ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯିବ। ବିଜୁ ଇକୋନୋମି କରିଡରକୁ ଏହି ପଲିସିରେ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯାଇଛି। ନୂଆ ନୀତି ଅନୁସାରେ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ନିବେଶକଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ପ୍ରାୟୋରିଟି ସେକ୍ଟର ପୁଞ୍ଜି ନିବେଶ ଉପରେ ୨୦% ଏବଂ ଥ୍ରଷ୍ଟ ସେକ୍ଟର କ୍ଷେତ୍ରରେ ୩୦% ସବସିଡି ଯୋଗାଇ ଦେବେ ରାଜ୍ୟ ସରକାର।

ଷ୍ଟାର୍ଟଅପ୍ ଓଡ଼ିଶା : ରାଜ୍ୟକୁ ଷ୍ଟାର୍ଟଅପର ପ୍ରମୁଖ ହବ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଏବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ର୍ୟାଙ୍କ ହାସଲ କରିଛି। ଗତ ପାଞ୍ଚ ବର୍ଷ ହେବ ଷ୍ଟାର୍ଟଅପ୍ ଇନକ୍ୟୁବେଟରମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହିତ କରିଛନ୍ତି।

ରପ୍ତାନୀ ନୀତି : ମେକ ଇନ୍ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ରପ୍ତାନି ନୀତି ୨୦୨୨ ଉନ୍ମୋଚନ କରାଯାଇଛି। ୨୦୧୪ରେ ଶେଷ ଥର ପାଇଁ ରାଜ୍ୟ ସରକାର ରପ୍ତାନି ନୀତି ଆଣିଥିଲେ। ଏଥିରେ ସଂଶୋଧନ କରାଯିବା ସହ ରପ୍ତାନିକାରୀଙ୍କୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ଘୋଷଣା କରାଯାଇଛି।

ଏକାଠି ଶିଳ୍ପ ମୁଖିଆ : ଏଥର ମେକ ଇନ୍ ଓଡ଼ିଶା ସମ୍ମିଳନୀରେ ଦେଶ ବିଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତି ଯୋଗ ଦେଇଥିଲେ। ପ୍ଲେନାରି ଅଧିବେଶନରେ ମଞ୍ଚରେ ବସିଥିଲେ ୫୦ରୁ ଊର୍ଦ୍ଧ୍ୱ ଶିଳ୍ପ ମୁଖ୍ୟ।

ଖାଦ୍ୟ ପ୍ରକ୍ରିୟାକରଣ ନୀତି : ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ଫୁଡ ପ୍ରୋସେସିଂ ନୀତି ଉନ୍ମୋଚନ କରିଛନ୍ତି। ୨୧ ଜଣ ନିବେଶକ ରାଜ୍ୟରେ ନିବେଶ ଲାଗି ଆଗ୍ରହ ପତ୍ର ଦେଇଛନ୍ତି। ଏହାଦ୍ୱାରା ୧୪୪୩ କୋଟି ଟଙ୍କାର ନିବେଶ ରାଜ୍ୟକୁ ଆସିପାରିବ।

ମହିଳା ସଶକ୍ତିକରଣ : ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ଅଣ ସାଲିସ ପ୍ରାଥମିକତା। ଏହା ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଆଗକୁ ବଢ଼ିବା କଷ୍ଟକର। ଏହାକୁ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ମିଶନ ଶକ୍ତି ମା' ମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ରୋଜଗାର ପାଇପାରିବେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକରୁ ଆଗାମୀ ୫ ବର୍ଷରେ ୫ ହଜାର କୋଟି ଟଙ୍କାର ସାମଗ୍ରି ଓ ସେବା ସଂଗ୍ରହ କରିବେ ରାଜ୍ୟ ସରକାର। ଚଳିତ ବର୍ଷ ଏହାକୁ ମିଳିଛି କ୍ୟାବିନେଟ ଅନୁମୋଦନ। ଜିଲ୍ଲା ସ୍ତରରେ ଥିବା ଏସଏଚଜି ଫେଡେରେସନ ଗୁଡ଼ିକୁ ୧ କୋଟି ଟଙ୍କାର ରିଭଲଭିଂ ପାଣ୍ଠି ଯୋଗାଇ ଦେବା ନେଇ ମଧ ଘୋଷଣା କରାଯାଇଛି। ସେହିଭଳି ବ୍ଲକ ସ୍ତରୀୟ ଫେଡେରେସନକୁ ୫୦ଲକ୍ଷ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଫେଡେରେସନ ପାଇଁ ମାର୍କେଟ କମ୍ପ୍ଲେକ୍ସ ଏବଂ ଅଫିସ ଘର ଯୋଗାଇବା ବ୍ୟବସ୍ଥା ହେବ। ମହିଳାଙ୍କ ମଧ୍ୟରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ମାଇକ୍ରୋ ଏବଂ ମିନି ଶିଳ୍ପ ସ୍ଥାପନ କରିବେ। ମହିଳାମାନେ ଓଡ଼ିଶାର ରୂପାନ୍ତର ଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟ : ରାଜ୍ୟର ମହିଳାମାନେ ସଶକ୍ତ ହେବେ। ବିକାଶ ସ୍ରୋତରେ ସାମିଲ ହୋଇ ନିଜେ ଅଗ୍ରଗତି କରିବେ ଏବଂ ରାଜ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ। ଏହି କ୍ରମରେ ବିଧାନସଭାରେ ଉପସ୍ଥାପିତ ରାଜ୍ୟ ବଜେଟ ୨୦୨୨-୨୩ରେ ମହିଳା ମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ମିଶନ ଶକ୍ତି ପାଇଁ ପୃଥକ ବଜେଟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ଏହି ବିଭାଗ ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୦୩୯ କୋଟି ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘକୁ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବାବଦ ୭୭୩ କୋଟି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୃହ ନିର୍ମାଣ ଲାଗି ୧୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମିଶନ ଶକ୍ତି ପାଇଁ କରାଯାଇଥିବା ବ୍ୟୟବରାଦ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ରୋଜଗାର ମିଳିବ।

ତଳୁଆ ରାଜ୍ୟରୁ ଆଗଭର : ଓଡ଼ିଶାରେ ବ୍ୟବସାୟିକ ବାତାବରଣରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ଡିଜିଟାଲିକରଣ ଏବଂ ସ୍ୱଚ୍ଛତା ସହିତ ନିବେଶକଙ୍କ ଆସ୍ଥା ଭାଜନ ହେବାରେ ରାଜ୍ୟ ଏବେ ଆଗୁଆ। ଇ-ଶ୍ରମ ପୋର୍ଟାଲ ଏବଂ ଗୋ-ସ୍ୱିଫ୍ଟ ଭଳି ଅନନ୍ୟ ବ୍ୟବସ୍ଥା ଯୋଗୁ ନିବେଶକଙ୍କ ପାଇଁ ଏହା ପାଲଟିଛି ଅନୁକୂଳ ସ୍ଥଳ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଏ ବର୍ଷ ଉନ୍ମୋଚିତ ହୋଇଥିବା ରିପୋର୍ଟ ଅନୁସାରେ ଓଡ଼ିଶା ଇଜ ଅଫ ଡୁଇଙ୍ଗ ବିଜନେସ ର୍ୟାଙ୍କିଙ୍ଗରେ ଛଅଟି ଆଗଭର ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

# ଭଗବତୀ ଭାରତୀ ଦେବୀ ନମସ୍ତେ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆସୁଛି ସରସ୍ୱତୀ ପୂଜା। ଶିକ୍ଷାର୍ଥୀମାନେ ଏହି ପୂଜାକୁ ଆଗ୍ରହ, ଭକ୍ତି ସହକାରେ ପାଳନ କରିଥାନ୍ତି। ମା'ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ। ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ ଶକ୍ତିଟି ଆମ ପାଖରେ ଯାହା ରହିଛି ତା'ର ନିୟନ୍ତା ହେଉଛନ୍ତି ଏହି ଶୁକ୍ଳବର୍ଣ୍ଣ ବସ୍ତ୍ର ପରିହିତା, ବୀଣାପୁସ୍ତକ ଧାରିଣୀ ମା'ସରସ୍ୱତୀ। ସେ ଆମ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି। ଏଣୁ ମା'ଙ୍କର ଆରାଧନା କଲାବେଳେ ପିଲାମାନେ ଗାଇ ଉଠିଥାନ୍ତି ସରସ୍ୱତୀ ମା'କଣ୍ଠରେ ଥା, ବିଦ୍ୟା ନଆସିଲେ କହି ଦେଉଥା। ସବୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ହିଁ କଥା କହିବାର କ୍ଷମତା ହାସଲ କରିଛି। ଯଦିଓ କିଛି ଜୀବଜନ୍ତୁ ଅଛନ୍ତି କଥା କହିବା ଭଳି ଧ୍ୱନି ସୃଷ୍ଟି କରିପାରନ୍ତି, ତେବେ ମଣିଷ ପରି କେହି ଏଥିରେ ଧୂରନ୍ଧର ହୋଇପାରନ୍ତି ନାହିଁ। ସୁତରାଂ ବାଗ୍‌ଦେବୀଙ୍କର ତାଙ୍କ ସେହି ଶ୍ରେଷ୍ଠ ସନ୍ତାନ ପ୍ରତି ଅସୀମ କରୁଣା ରହିଛି କହିଲେ ଭୁଲ ହେବନାହିଁ। ତେବେ ଏହି କରୁଣାର ଉପଯୋଗ ଆମେ କିପରି ଭାବେ କରୁଛେ ? ଆଜିକାର ସମୟରେ ଏହା ଚିନ୍ତା କରିବା ନିହାତି ଜରୁରୀ। ପଦିଏ ମଧୂର କଥା ଅନ୍ୟର କ୍ଳେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦମୟ ତଥା ବିଷାକ୍ତମୟ କରିପାରେ। ଏହି କଥାରୁ ହିଁ ସୃଷ୍ଟି ହେଉଛି ଯାବତୀୟ କଳିତକରାଳ। ଏଣୁ ସନ୍ଥମାନେ କହିଯାଇଛନ୍ତି ବିନୟ ମଧୂର ବଚନ, କହି ତୋଷିବ ପ୍ରାଣୀମନ। ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ। ଏଣୁ ବିଜ୍ଞ, ସାଧୁସନ୍ଥମାନେ କଥାର ଅପବ୍ୟବହାର କରିନଥାନ୍ତି। ଯାହା କହିଥାଆନ୍ତି ସତ୍ୟ ଉପରେ ଆଧାରିତ ହୋଇଥାଏ। ନିଜର ଶବ୍ଦ ଉପରେ ଏମାନେ ଏପରି ସିଦ୍ଧି ପ୍ରାପ୍ତ କରିଥାନ୍ତି ଯେ, ଯାହା କହନ୍ତି ତାହା ଫଳବତୀ ହୋଇଯାଏ। ଯାହାକୁ କୁହାଯାଏ ଆଶୀର୍ବଚନ। ଆମର ବିଶ୍ୱାସ ଅଛି ଯେ ଯଦି କେଉଁ ଅସହାୟ, ବୟସ୍କଙ୍କୁ ନିଜସ୍ୱାର୍ଥ ହାସଲ ଲାଗି ହଇରାଣହରକତ କରୁ ତେବେ ସେମାନଙ୍କ ଯନ୍ତ୍ରଣାଦଗ୍ଧ ହୃଦୟର ଭାବ ଯେଉଁ ବାକ୍ୟ ରୂପେ ଉଚ୍ଚାରିତ ହୁଏ ତାହା ସତ୍ୟରେ ପରିଣତ ହୋଇଯାଏ। ଯାହାକୁ ଅଭିଶାପ ଆଖ୍ୟା ଦିଆଯାଇଛି। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ ସହ ତୁଳନା କରାଯାଇଛି। ଯାହାର ଅଧିଷ୍ଠାତ୍ରୀ ହେଉଛନ୍ତି ମା'ସରସ୍ୱତୀ। ଏଣୁ ମା'କଳା ନିପୁଣା। ସବୁ କଳାକାର ମା'ଙ୍କୁ ଆରାଧନା କରି କଳା ସାଧନା କରିଥାନ୍ତି। ମା'ସନ୍ତୁଷ୍ଟ ହେଲେ କଳାକାରର ସାଧନା ସିଦ୍ଧ ହୋଇଥାଏ। ଏହି କ୍ରମରେ ଆମ ଓଡ଼ିଶାର ଝଙ୍କଡ଼ ସାରଳା ପୀଠ କଳାକାରଙ୍କ ତୀର୍ଥ କ୍ଷେତ୍ର ଭାବେ ପରିଚିତ। ଏଠାରେ ମୁଖ୍ୟତଃ ପାଲାଗାୟକମାନେ ମା'ସାରଳାଙ୍କର କରୁଣା ଭିକ୍ଷା କରିଥାନ୍ତି। ମା' ସନ୍ତୁଷ୍ଟ ହେଲେ ସେମାନେ ନିଜର କଳା ନିର୍ଭୂଲ ଭାବେ ପରିବେଷଣ କରିବାର କ୍ଷମତା ହାସଲ କରିପାରନ୍ତି ବୋଲି କାହିଁ କେଉଁ କାଳରୁ ବିଶ୍ୱାସ ରହିଆସିଛି।

ମା'ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ - ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା'ସରସ୍ୱତୀଙ୍କର ବହୁ ନାମ ରହିଛି - ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ'ଣ ? ସରସ୍ୱତୀ ଶବ୍ଦର ଅର୍ଥ - ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍‌ମାନେ ଶବ୍ଦ। ମା'ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ସୃଷ୍ଟିର ଆଦିରେ ଅଛି ଗତି। ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର - ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ। ତେଣୁ ଶ୍ରୀମଦ୍ ଭାଗବତରେ ଅଛି - ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।

ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି। ମନୁସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି। ପାଣି ଉପରେ ପଦ୍ମ, ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁଁ ଠାରୁ - ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ। ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ - ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ - ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ।

ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ମା'ଙ୍କର କୋଳରେ ପୂଜାପାଏ ବହି। ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ - ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ। ଆଉ ସେ ପ୍ରାପ୍ତି ହେଉଛି - ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି। ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା - ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ - ଐଁ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର। ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ - ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ। ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତଙ୍କୁ ପ୍ରାପ୍ତ ହୁଏ। ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ - ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା। ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା - ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି। ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା। ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ। ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ ଧଳା। ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା। ତାହା ସହଜରେ ଉପରକୁ ଉଠିପାରେ। ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ। ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ। ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା। ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ। 'ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି - ସେ ହିଁ ମା' ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା - ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା' ସରସ୍ୱତୀ'।

ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଡାକୋଟା ବିମାନ : ଏକ ଅନନ୍ୟ ଅନୁଭବ

॥ ଶ୍ୟାମ ସୁନ୍ଦର ସାମଲ ॥

ପ୍ରବାଦ ପୁରୁଷ ଦୁର୍ଦ୍ଧର୍ଷ ପାଇଲଟ ବିଜୁ ପଟ୍ଟନାୟକଙ୍କ ଐତିହାସିକ ସ୍ମୃତି ବହନ କରୁଥିବା ଡାକୋଟା ବିମାନ ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିଛି। ଦୀର୍ଘବର୍ଷ ଧରି କୋଲକାତାସ୍ଥିତ ନେତାଜୀ ସୁଭାଷ ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିବା ପରେ ଶେଷରେ ଏ ସ୍ମୃତି ସନ୍ତକଟିକୁ ଓଡ଼ିଶା ଅଣାଯାଇଛି। ଏ ବିମାନରେ ବିଜୁ ପଟ୍ଟନାୟକ ଅନେକ ଦୁଃସାହସିକ ଉଡାଣ କରିଛନ୍ତି। ଏହା ମଧ୍ୟରେ ସବୁଠୁ ଶ୍ରେଷ୍ଠ ହେଉଛି ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଡଚମାନଙ୍କ କବଳରୁ ମୁକ୍ତ କରି ଭାରତ ଉଡାଇ ଆଣିବା। ୧୯୪୭ ମସିହା ଜୁଲାଇ ମାସରେ ଇଣ୍ଡୋନେସିଆର ତତ୍କାଳୀନ ସୁଲତାନ ଶାଜାହିର ଓ ଉପରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ବିଜୁବାବୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ଏହି ଡାକୋଟା ବିମାନରେ। ଏହି ଅଭିଯାନରେ ବିଜୁ ବାବୁଙ୍କ ସହିତ କେବଳ ଜଣେ ସହ ପାଇଲଟ ଥିଲେ। ସେ ହେଉଛନ୍ତି ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ ନିଜ ଜୀବନକୁ ବାଜି ଲଗାଇ ବିଜୁବାବୁ ଅନେକ ଇଂରେଜଙ୍କ ଜୀବନ ରକ୍ଷା କରିଥିଲେ। ଦୁର୍ଭାଗ୍ୟର କଥା ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କର ଗୁପ୍ତ ସମ୍ପର୍କ ଖବର ପାଇଁ ବ୍ରିଟିଶ ସରକାର ତାଙ୍କୁ ୧୧୪୩, ଜାନୁଆରୀ ୧୨ ତାରିଖରେ ଗିରଫ କରିଥିଲେ। ଜେଲରୁ ମୁକ୍ତ ହେବା ପରେ ସେ ନିଜ ଉଦ୍ୟମରେ କଳିଙ୍ଗ ଏୟାରୱେଜ ସହିତ ଭୁବନେଶ୍ୱରରେ ଏକ ପାଇଲଟ ତାଲିମ ପ୍ରତିଷ୍ଠାନ ଆରମ୍ଭ କରିଥିଲେ।

ଡାକୋଟା ସହିତ ବିଜୁ ବାବୁଙ୍କର ଅନେକ ସ୍ମୃତି ଜଡ଼ିତ ରହିଛି। ସ୍ୱାଧୀନତା ସଂଗ୍ରାମର ଅନେକ କାହାଣୀର ମୁକସାକ୍ଷୀ ଏହି ବିମାନ। ତେଣୁ ଏଭଳି ଏକ ସ୍ମୃତି ବିଜଡ଼ିତ ସ୍ମାରକୀ ଆମ ରାଜ୍ୟକୁ ଫେରି ଆସିବାରେ ସମସ୍ତଙ୍କ ଭିତରେ ଏକ ଖୁସିର ଲହରି ଖେଳିଯାଇଛି। ଯୁବ ବର୍ଗ ଏବଂ ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ଏ ବିମାନ ଏବଂ ବିଜୁବାବୁଙ୍କ ଦୁଃସାହସିକ କାହାଣୀକୁ ନେଇ ଉତ୍ସାହ ବଢ଼ିଛି। ଖଣ୍ଡ ଖଣ୍ଡ ହୋଇ ଆସିଥିବା ଏ ବିମାନଟିକୁ ପୁଣିଥରେ ଯୋଡ଼ା ଯାଇ ଭୁବନେଶ୍ୱର ବିମାନ ବନ୍ଦରର ଟର୍ମିନାଲ-୧ ସମ୍ମୁଖରେ ସର୍ବସାଧାରଣଙ୍କ ପ୍ରଦର୍ଶନ ପାଇଁ ରଖାଯିବ। ଏଥିପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ୧.୧ ଏକର ଜମି ଯୋଗାଇ ଦେଇଛନ୍ତି। ଏଠାରେ ନୂଆ ରୂପରେ ଦେଖିବାକୁ ମିଳିବ ଡାକୋଟା ବିମାନକୁ। ଆସନ୍ତା ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବେ ବୋଲି ଜଣାଯାଇଛି।

ଏ ଅବସରରେ ସରକାରଙ୍କୁ ଏକ ପରାମର୍ଶ - ଆଗାମୀ ପିଢ଼ିଙ୍କୁ ଉଦବୁଦ୍ଧ କରିବା ପାଇଁ ବିଜୁବାବୁଙ୍କ ପାଇଲଟ ଜୀବନ ଏବଂ ସ୍ୱାଧୀନତା ସଂଗ୍ରାମରେ ଡାକୋଟାର ସହଯୋଗ ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ଯଦି



କରାଯାଇ ପାରନ୍ତା ଏହା ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଉପାଦେୟ ହୋଇପାରନ୍ତା। ୧୯୩୦ ଦଶକରେ ଓଡ଼ିଶାର ଜଣେ ଯୁବକ ରେଭେନ୍ସା ମହାବିଦ୍ୟାଳୟରେ ବିଏସସି ପଢୁଥିବା ବେଳେ ପାଇଲଟ ହେବାର ଆଗ୍ରହରେ ପାଠପଢ଼ା ଛାଡ଼ି ୧୯୩୬ ମସିହାରେ ପାଇଲଟ ଟ୍ରେନିଂ ନେଇ ଇଂରେଜ ସରକାରଙ୍କ ଇଣ୍ଡିଆନ ନ୍ୟାସନାଲ ଏୟାର ୱେଜରେ ପାଇଲଟ ରୂପେ ଯୋଗଦେବା ଏକ କାହାଣୀ ଭଳି ଲାଗିପାରେ ଆଜିର ଯୁବପିଢ଼ିଙ୍କୁ। ତେଣୁ ଏସବୁ ସ୍ମୃତି ଏବଂ ତଥ୍ୟକୁ ସାଇତି ରଖିବା ପାଇଁ ଡାକୋଟା ବିମାନ ଭିତରେ ବସି ଦର୍ଶକ ଦେଖି ପାରନ୍ତେ ଏହା ଏକ ଅନନ୍ୟ ଅନୁଭବ ହୋଇପାରନ୍ତା ସେମାନଙ୍କ ପାଇଁ। ସରକାର ଏ ଦିଗରେ ଚିନ୍ତା କରିବେ ବୋଲି ଆଶା।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

### ଫାଇନ କାଟି ହରଡ଼ଘଣାରେ ଖଣି ଅଧିକାରୀ

# ଗ୍ରାମବାସୀ ଓ ବାଲି ମାଫିଆଙ୍କ ଦ୍ୱାରା ହେଲେ ଅଟକ

**କପ୍ତିପଦା,(ମହାଭାରତ) :** କପ୍ତିପଦା – କପ୍ତିପଦା ବ୍ଲକ ବଡ଼ ବିଶୋଳ ଠାରେ ମାଇନିଂ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ ଦଳେଇ ଓ କର୍ମଚାରୀ ସହ ୩ ଟି ବାଲି ବୋଝେଇ ଟ୍ରାକ୍ଟର ଧରି ୧. ୫୦ ଲକ୍ଷ ପଚାଶ ହଜାର ଟଙ୍କାର ଜରିମାନା କରିଥିଲେ । ଏଥିରେ ବାଲି ମାଫିଆ ଓ ଗ୍ରାମବାସୀ ମାନେ ଖଣି ଅଧିକାରୀ ଗାଡିକୁ ବଡ଼ ବିଶୋଳ ଛକ ଠାରେ ଅଟକ ରଖିଥିଲେ । ଖବର ପାଇ କପ୍ତିପଦା ଥାନାର ଏ ଏସ ଆଇ ଏସ. ଖାନ ଓ ତହସିଲଦାର ନନ୍ଦିତା କୁଜୁର, ଅତିରିକ୍ତ ତହସିଲଦାର ଭୀମାକାନ୍ତ ମାଝୀ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ଖଣି ଅଧିକାରୀଙ୍କୁ ଗ୍ରାମବାସୀ ଓ ବାଲି ମାଫିଆ କବଳରୁ ରକ୍ଷା କରିଥିଲେ । ଦୀର୍ଘ ୨ ଘଣ୍ଟା ଧରି



ଖଣି ଅଧିକାରୀକୁ ଅଟକ ରଖିଥିଲେ ଗ୍ରାମବାସୀ ଓ ଖଣି ମାଫିଆ ମାନେ । କପ୍ତିପଦା ବ୍ଲକର ବିଭିନ୍ନ ସ୍ଥାନରେ ବାଲି,ମେଟାଲ, ପଥର ଚୋରାରେ କରବାର ହେଉଥିବାବେଳେ ତହସିଲର କର୍ମଚାରୀମାନେ ଏହା ଖଣି ବିଭାଗର କାର୍ଯ୍ୟ କହୁଥିବାବେଳେ ଖଣି ବିଭାଗର ଅଧିକାରୀମାନେ ନାମକୁ ମାତ୍ର ବାଲି ଟ୍ରାକ୍ଟର ଧରୁଛନ୍ତି । ପ୍ରତିଦିନ ଶହ ଶହ ଟ୍ରିପର ପଥର, ଚିପ୍ସ ଯାଉଥିବାବେଳେ ତାହା ଖଣି ବିଭାଗକୁ କେମିତି ନଜର ଆସୁନାହିଁ ତାହା ପ୍ରଶ୍ନବାଚୀ । ଟ୍ରିପର ବୋଝେଇ କରିଥିବା ଗାଡି ଗୁଡିକ ଡାଙ୍କୁଣୀ ଓ ତମ୍ବୁ ଦେଇ ଦେଉନଥିବା ପରିଲକ୍ଷିତ ମଧ ହେଉଛି । ଯାହାଫଳରେ ରାସ୍ତାରେ ଆସୁଥିବା ଜନସାଧାରଣଙ୍କ ଉପରେ ତାହା ପଡୁଛି । ବାଲି ମାଫିଆ, ପଥର ଖାଦାନରୁ ମୋଟା ଅଙ୍କର ବଟି ଅର୍ଥ ଆଦାୟ କରୁଛନ୍ତି ଖଣି ବିଭାଗ ।ତାଙ୍କର ଗୋଚରରେ ଚାଲିଛି ଏହି ଚୋରା କାରବାର ବୋଲି କହିଛନ୍ତି ଗ୍ରାମବାସୀମାନେ ।ଶେଷରେ ଅଟକ ରହିଥିବା ଖଣି ବିଭାଗର ଅଧିକାରୀମାନେ ଛାଡ ପଇସାରିଲାପରେ ଏହି ଘଟଣା ସମ୍ପର୍କରେ କପ୍ତିପଦା ଥାନାରେ ଜଣାଇଛନ୍ତି ।

# ସମସ୍ୟା ଘେରରେ ୫୦ ବର୍ଷର ପୁରାତନ ପ୍ରାଥମିକ ବିଦ୍ୟାଳୟ

**ବାଲିଗୁଡା,(ମହାଭାରତ) :** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ବ୍ଲକ ବପଲମେଣ୍ଡି (ଲା) ଗ୍ରାମପଞ୍ଚାୟତର ସଲାଗୁଡ଼ା ଗ୍ରାମରେ ୧୯୭୫ ମସିହା ରେ ନିର୍ମାଣ ହୋଇଥିବା ବିଦ୍ୟାଳୟଟି ଏବେ ବହୁ ସମସ୍ୟା ମଧରେ ଗତି କରୁଛି । ବିଦ୍ୟାଳୟ ନିର୍ମାଣର ୫୦ ବର୍ଷ ହୋଇଥିଲେ ମଧ ବିଦ୍ୟାଳୟ ନାଁରେ ନିର୍ମାଣ ହୋଇଥିବା ଅନ୍ତେବାସୀ କୋଠାର ଜମି ଅନ୍ୟମାନଙ୍କ ନାଁରେ ପଟ୍ଟା ଅଛି କ୍ଷ ଖାତା ନଂ ୮୦, ପ୍ଲଟ ନଂ ୨୬୮/ ୧୧୫୨/୮୭୫ ଟି ବିଶ୍ୱମ୍ବର ମଳିକ, ଦୟାନିଧି ମଳିକ, ବଶିଷ୍ଟ ମଳିକ, ଶିବୁନା ମଳିକଙ୍କ ନାମରେ ପଟ୍ଟା ଅଛି । ଉକ୍ତ ବ୍ୟକ୍ତିଙ୍କ ବାପାମାନେ ବିଦ୍ୟାଳୟ ନିର୍ମାଣ ପାଇଁ ଜାଗାଟିକୁ ଦାନସୂତ୍ରେ ପ୍ରଦାନ କରିଥିଲେ ବୋଲି ଗ୍ରାମବାସୀଙ୍କ ଠାରୁ ଶୁଣିବାକୁ ମିଳୁଛି । କିନ୍ତୁ ଏହାର କୌଣସି ପ୍ରମାଣ ନାହିଁ । ବର୍ତ୍ତମାନ ଏହି ବିଦ୍ୟାଳୟରେ ଆଦିବାସୀ ସମନ୍ୱିତ ଆନୁକୂଲ୍ୟରେ ?? ଶଯ୍ୟା ବିଶିଷ୍ଟ ୩୦ ବର୍ଷ ହେବ ଚାଲୁଅଛି । ବର୍ତମାନ ବିଦ୍ୟାଳୟରେ ୭୦ ଜଣ ଛାତ୍ରଛାତ୍ରୀ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପଢୁଛନ୍ତି । ନା ଅଛି ଶ୍ରେଣୀଗୃହ ନା ଅଛି ଛାତ୍ରାବାସ । ବର୍ତ୍ତମାନ ଅନ୍ତେବାସୀଙ୍କ କୋଠାରେ ବର୍ଷା ପାଣି ଗଳୁଛି । ଏଠାରେ ରହିବାର ସୁବିଧା ନଥିବାରୁ ୪୦ ଜଣ ରହିବା ବଦଳରେ ହଷ୍ଟେଲରେ ମାତ୍ର ୨୧ ଜଣ ଛାତ୍ର ରହୁଛନ୍ତି । ଅନ୍ୟ ଏକ ଶ୍ରେଣୀ ଗୃହ ରୂପେ ବ୍ୟବହାର ହେଉଥିବାରୁ ଚଟାଣଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି, ଯାହାକି, କଞ୍ଚା ମାଟିରେ ତାଳି ପକାଯାଇ କାମ ଚଳାଯାଉଛି । ଏହି ବିଦ୍ୟାଳୟ ରେ ୫ଜଣ ଶିକ୍ଷୟତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ସର୍ବଶିକ୍ଷା ଅଭିଯାନରେ ନିର୍ମାଣ ହୋଇଥିବା ଶୌଚାଳୟଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି । ଏପରିକି ଛାତ୍ରାବାସରେ ନା ଅଛି ପାଣି ନା ଅଛି ଆକ୍ୱାଗାର୍ଡ ଓ କୂପ ଏବଂ ସରକାରୀ ଯୋଗାଣରେ ଆସୁଥିବା ପାଣିରେ ଚାଲୁଛି ମଧାହ୍ନ ଭୋଜନ ଏବଂ ଅନ୍ତେବାସୀଙ୍କ ଖାଦ୍ୟ ପ୍ରସ୍ତୁତି ।ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟାଳୟର ସମସ୍ୟା ସମାଧାନ କରିବା ପାଇଁ ବିଦ୍ୟାଳୟ କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

# ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ପ୍ରଥମେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଜନସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା ।ଏଥିରେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ପୋଲିସ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ ।ପରେପରେ ଦରବାର ହଲଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଲଳିତ ସୋରେଙ୍ଗଙ୍କ ଅଧକ୍ଷତାରେ ଦରବାର ହଲଠାରେ ଆୟୋଜିତ ସଭାରେ ଯୋଗଦେଇ ଜିଲ୍ଲାରୁ ଶିଶୁ ଶ୍ରମିକ ପ୍ରଥା ସମ୍ପୂର୍ଣ୍ଣ ଉଚ୍ଛେଦ ଏବଂ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଆହ୍ୱାନ ଦେଇଥିଲେ । ଶିଶୁ ମାନଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଥିବା ଜିଲ୍ଲା ଶ୍ରମ ଅଧକାରୀ ଶ୍ରୀ ସୂର୍ଯ୍ୟ ନାରାୟଣ ମାଳି ମତବ୍ୟକ୍ତ କରିଥିଲେ । ଆହୁରିମଧ ଶ୍ରୀ ମାଳି ଶିଶୁ ଶ୍ରମ ( ନିଷେଧ ଏବଂ ନିୟମାବଳୀ ) ଅଧିନିୟମ , ୧୯୮୬ ଅନୁଯାୟୀ ଭାରତ ସରକାର ଏହାକୁ ସମ୍ପୂର୍ଣ୍ଣ ଅବୈଧ ଘୋଷଣା କରିଛନ୍ତି ତେଣୁ ଏହି ଶିଶୁ ଶ୍ରମିକ ଭଳି ଏକ ଘୃଣ୍ୟ କୁପ୍ରଥାକୁ ଉଚ୍ଛେଦ କରି ଶିଶୁ ମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଗଣେଶ୍ୱର ନାଏକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବିପ୍ଳବ କେଶରୀ ସାମନ୍ତରାୟ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମିତା ନାୟକ ଏବଂ ଅଧକ୍ଷ ଜିଲ୍ଲା ମଙ୍ଗଳ ସମିତି ଶ୍ରୀ ବିଭୁତି ଭୂଷଣ ଦାଶ ଉପସ୍ଥିତ ଥିଲେ ।

# ଜନତାଙ୍କ ଅଜାଣତରେ ଜନଶୁଣାଣି ଶିବିର



**ଥୁଆମୂଳ ରାମପୁର,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ପଂଚାୟତ ସମିତି ବୈଠକ ଗୃହ ଠାରେ ଗତ ଶନିବାର ତା- ୨୯/୬/୨୦୨୪ ରିଖ ଦିନ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଦୁର୍ଭାଗ୍ୟ ର ବିଷୟ ଯେ ଅନୁଷ୍ଠିତ ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ରେ କୌଣସି କୁଳିମଞ୍ଜୁରୀ ଅଭିଯୋଗ କାରି କିମ୍ବା ହିତାଧିକାରୀ ଉପସ୍ଥିତ ହେଇନଥିବା ଦେଖିବାକୁ ମିଳିଥିଲା । ସରକାରୀ ବାବୁ ମନେ ଥୁଆମୂଳ ରାମପୁର ଭଳି ଆଦିବାସୀ ବହୁଳ ଅଂଚଳ ର ନିରୀହ ଲୋକଙ୍କୁ ଭକୁଆ ବନେଇ ଠକି ଚାଲିଛନ୍ତି । କେବଳ ସରକାରୀ କର୍ମଚାରୀ ମାନଙ୍କୁ ନେଇ ଏହି ଜନ ଶୁଣାଣି ଶିବିର ଅନୁଷ୍ଠିତ ହେଇଥିଲା ।ଏହି ଶିବିର ରେ ଥୁଆମୂଳ ରାମପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲି, ବ୍ଲକ ଅଧକ୍ଷ ଦୟାନିଧି ମାଝୀ,ଜିଲ୍ଲା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣତ, ଏ ଇ ଇ ଦିଲୀପ କୁମାର ପଟେଲ, ଜେଇ ସତ୍ୟ ନାରାୟଣ ବେହେରା, ଜେଇ ପ୍ରତାପ କୁମାର ସାହୁ, ମାଣିକ୍ୟ ଚନ୍ଦ୍ର ନାଏକ, କୃଷ୍ଣ ଚନ୍ଦ୍ର ନାଏକ ଏବଂ ବ୍ଲକର ସମସ୍ତ ଲାଇନ ବିଭାଗ ପି ଇ ଓ, ବନ ବିଭାଗ କର୍ମଚାରୀ, ଏଜଝ, ଗାଁ ସାଥି ଉପସ୍ଥିତ ରହିଥିଲେ । ଉକ୍ତ ଶିବିର କୁ କାଣିଗୁମା ପଂଚାୟତ GRS ସରୋଜ କୁମାର ମୁଣ୍ଡଚିନା ପରିଚାଳନା କରିଥିଲେ ।

## ଛତିଶଗଡର ଯୁବକଙ୍କ କଳାହାଣ୍ଡିରେ ଆତ୍ମହତ୍ୟା

**କଳାହାଣ୍ଡି,(ମହାଭାରତ) :** ବୈଶାକୁ ପୁସାମ ଛତିଶଗଡରୁ ସେ ହାଇଦ୍ରାବାଦର ଏକ ବଇଲର ଫାର୍ମ ରେ କାମ କରୁଥିଲେ । ସେହି ଫାର୍ମ ରେ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ର ଚାଁଚେର ଗ୍ରାମର ନିଶା ପୁଷମ ମଧ୍ୟ କାମ କରୁଥିଲେ । ହେଲେ ଏହି ଦୁହିଁଙ୍କ ମଧ୍ୟରେ ପରସ୍ପର ପ୍ରେମ ସମ୍ପର୍କ ଗଡି ଉଠିଥିବାରୁ ଦୁହେଁ ଏକତ୍ର ରହିବାକୁ ଝିଅ ନିଶା ପୁଷମ ନିଜ ଗାଁ କୁ ଦୁହେଁ ଆସିଥିଲେ । ଗତ କାଲି ଦୁହିଁଙ୍କ ମଧ୍ୟରେ କଳହକୁ ନେଇଁ ଦିବା ୧୨ଘଣ୍ଟା ସମୟରେ ବୈଶାଖୁ ପୁସାମ ଘରୁ ପଳାଇ ଯାଇଥିବା ବେଳେ ଆଜି ହଟାତ ଦେଖିବାକୁ ମିଳିଛି ଚାଁଚେର N H ରାଜପଥ ୨୬କୁ ଦେଇ ଅମଠା ଯିବା ରାସ୍ତା ର ଭିତରେ ବୈଶାକୁ ଙ୍କ ଝୁଲନ୍ତା ମୃତ ଦେହ ଦେଖିବାକୁ ମିଳିଛି ।

# ଜିଲ୍ଲା ବଧିର ସଂଘର ସାଧାରଣ ସଭା ଅନୁଷ୍ଠିତ



**ଅନୁଗୋଳ,(ମହାଭାରତ) :** ଅନୁଗୁଳ ଜିଲ୍ଲା ବଧିର ସଂଘର ସାଧାରଣ ସଭା ତଥା ଆଗାମୀ ୨୦୨୪ ଠାରୁ ୨୦୨୮ ପର୍ଯ୍ୟନ୍ତ ୪ ବର୍ଷ ପାଇଁ କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି । ଏଥିରେ ସଂଘର ସଭାପତି ଭାବେ ପର୍ଶୁରାମ ଦାଶ, ସମ୍ପାଦକ ଭାବେ ବିଶ୍ୱଜିତ୍ ହୋତା ନିର୍ବାଚିତ ହୋଇଛନ୍ତି । ସେହିପରି ସଂଘର ମୁଖ୍ୟ ପୃଷ୍ଠପୋଷକ ଭାବରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ପୃଷ୍ଠପୋଷକ ଭାବେ ଅନୁଗୁଳ ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଅଛି । ସେହିପରି ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବି ପ୍ରମୋଦ କୁମାର ପ୍ରଧାନ ଓ ସାନ୍ଧ୍ୟ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ମାଝୀ ମନୋନୀତ ସୋଇଥିବା ବେଳେ ଉପସଭାପତି ମନୋରଞ୍ଜନ ସାମଲ, ସନ୍ତୋଷ ବେହେରା ଓ ରାମଚନ୍ଦ୍ର ରଥ ମନୋନୀତ ହୋଇଛନ୍ତି । ବଧିର ମାନଙ୍କର ବିକାଶ ଓ ସ୍ୱାବଲମ୍ବନ କ୍ଷେତ୍ରରେ ରାଜ୍ୟର ନୂତନ ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ୍ ବୋଲି ସଂଘ ଦାବୀ ଉପସ୍ଥାପନ କରିଛି । ସେହିପରି ବଧିର ସଂଘର ଏକ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଜିଲ୍ଲା ପ୍ରଶାସନ ଜମି ଯୋଗାଇଦେବାକୁ ସଂଘ ଅନୁରୋଧ କରିଛି ।

## କ୍ଷୁଦ୍ର ଜଳ ସେଚନ ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କ ବଦଳି କେବେ ?

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଥିବା କ୍ଷୁଦ୍ର ଜଳ ସେଚନ ବିଭାଗର କାର୍ଯ୍ୟ ରତ କର୍ମଚାରୀ ଙ୍କ ଦୀର୍ଘ ଦିନ ହେଲା ବଦଳୀ ହୋଇ ନ ଥିବା ଦେଖିବକୁ ମିଳିଛି । ବିଶେଷ କରି କ୍ଷେତ୍ର କର୍ମଚାରୀ ଦୀର୍ଘ ବର୍ଷ ହେବ ବଦଳୀ ହୋଇ ନାହିଁ ସେହି ପରି ଅଫିସରେ କାର୍ଯ୍ୟରତ କର୍ମଚାରୀ ମଧ ଦୀର୍ଘ ବର୍ଷ ହେଲା କର୍ଯ୍ୟରତ ଥିବାର ଦେଖିବା କୁ ମିଳିଛି । ଯାହା ଫଳରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି ? ପ୍ରକାଶ ଥାଉକି ସରକାରୀ ନିୟମ ଅନୁଯାୟୀ ୩ ବର୍ଷ ହୋଇଗଲେ ବଦଳୀ ହେବା କଥା କିନ୍ତୁ କିଛି କର୍ମଚାରୀ ୧୦ ବର୍ଷ ରୁ ଉର୍ଦ୍ଧ୍ୱ ମଧ କାର୍ଯ୍ୟ କରୁଛନ୍ତି । ସରକାରୀ ନିୟମ କାର୍ଯ୍ୟକାରୀ ହେଉ ନାହିଁ । ଯାହା ଫଳରେ ସ୍ୱଛ ତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି ? କର୍ମଚାରୀ ଙ୍କୁ ତୁରନ୍ତ ବଦଳି କରିବକୁ ସାଧାରଣ ରେ ଦାବୀ ହେଉଛି ।

# ଓଡିଶା ଡିପ୍ଲୋମା ଇଂଜିନିୟର ସେବା ସଙ୍ଘ ବୈଠକ



**ଗଜପତି ,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର କନଫେରାନ୍ସ ହଲ ଠାରେ ପ୍ରଥମ ସାଧାରଣ ବୈଠକ ସଭାପତି ଇଂଜିନିୟର ସିଦ୍ଧାର୍ଥ ଶଙ୍କର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ସଭାପତି ଇଂଜିନିୟର ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ,ସମ୍ପାଦକ ଇଂଜିନିୟର ଉମା ଶଙ୍କର ପାତ୍ର, ସହ ମଣ୍ଡଳ ସମ୍ପାଦକ ଇଂଜିନିୟର ନାଗେଶ୍ୱର ସେନାପତି,ଉପସଭାପତି ଇଂଜିନିୟର ତ୍ରିପତି ସାହୁ,ଇଂଜିନିୟର ଶିବ ପ୍ରସାଦ ପାଳ ପ୍ରମୁଖ ମଞ୍ଚାସିନ ଥିଲେ ।ଇଂଜିନିୟର ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ନୂତନ କନିଷ୍ଠ ଯନ୍ତ୍ରୀ ରୂପେ ନିର୍ଯୁକ୍ତି ପାଇଥିବା ୧୧ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।ଇଂଜିନିୟର ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା । ଆଗାମୀ ଜୁଲାଇ ୨୭, ୨୮ ରେ କେନ୍ଦ୍ରୀୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନୂତନ ଗୃହ ଉଦଘାଟନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।ଆଟ୍ରାଟେକ୍ ସିମେଣ୍ଟର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ରଞ୍ଜନ କୁମାର ଜେନା, ଗୌତମ ସାହୁ,ଜ୍ୟୋତି ରାଜ୍ ପାତ୍ର, ସୁଧାଂଶୁ ଦଳାଇ ପ୍ରମୁଖ ଉପସ୍ଥିତ ରହି ଆଟ୍ରା ଟେକ୍ ସିମେଣ୍ଟ ର ଗୁଣାତ୍ମକ ବିଷୟରେ ଇଂଜିନିୟରମାନଙ୍କୁ ବୁଝାଇ ଥିଲେ ।ଏହି କାର୍ଯ୍ୟକ୍ରମ ।ଆଟ୍ରାଟେକ୍ ସିମେଣ୍ଟର ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ଇଂଜିନିୟର ଉପସ୍ଥିତ ଥିଲେ ।

# ସଇନ୍ତଲା ପୋଲିସର ନୂତନ ଭାରତ ନୂତନ ଆଇନ ସଭା ଅନୁଷ୍ଠିତ



**ବଲାଙ୍ଗୀର,(ମହାଭାରତ) :** ଜିଲ୍ଲା ସଇଁତଲା ପୋଲିସ ପ୍ରଶାସନ ଦ୍ୱାରା ଅଞ୍ଚଳର ବରିଷ୍ଠ ନାଗରିକ, ସରପଞ୍ଚ, ଆଇନଜୀବୀ ,ସାମ୍ବାଦିକ ଓ ସାଧାରଣ ଜନତାଙ୍କୁ ନେଇ ସଇଁତଲା ଥାନା ଅଧିକାରୀ ଶ୍ରୀ ଶୁଶାନ୍ତ ପଧାନ ଙ୍କ ତତ୍ତ୍ୱାବଧାନ ରେ ଏକ ନୂତନ ଭାରତ ର ନୂତନ ଆଇନ ସଭା ଅନୁଷ୍ଠିତ ହୋଇ ଥିଲା । ସୂଚନା ଏହି କିଯେ ଜୁଲାଇ ୧ରୁ ଲାଗୁ ହେବ ତିନୋଟି ନୂଆ ଅପରାଧିକ ଆଇନ । ଦେଶରେ ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବା ପାଇଁ ତିନୋଟି ବ୍ରିଟିଶ ଆଇନ ଆଇପିସି, ସିଆରପିସି ଏବଂ ଏଭିଡେନ୍ସ ଆକ୍ଟ ଆଇନ ବଦଳରେ ଭାରତ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମକୁ ଜୁଲାଇ ୧ରୁ କାର୍ଯ୍ୟକାରୀ କରାଇବାକୁ ଯାଉଛନ୍ତି ସରକାର । ଏହି ନୂତନ ଆଇନ ବ୍ରିଟିଶ ସମୟଠାରୁ ପ୍ରଚଳିତ ହେଉଥିବା ଆଇନକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ସହ ଏହାଦ୍ୱାରା ଆତଙ୍କବାଦ, ରାଜଦ୍ରୋହ ଏବଂ ଦେଶ ବିରୋଧରେ କାର୍ଯ୍ୟର ସଂଜ୍ଞାକୁ ଭଲ ଭାବେ ବାଖ୍ୟା କରିବାରେ ସକ୍ଷମ ହେବ । ତେବେ ଏହି ୩ଟି ନୂଆ ଆଇନକୁ ଗତ ବର୍ଷ ସେପଟ୍ମେର ୨୧ରେ ସଂସଦରେ ପାରିତ କରାଯାଇଥିଲା । ଏହା ପରେ, ଡିସେମ୍ବର ୨୫ରେ ଏଥିରେ ରାଷ୍ଟ୍ରପତିଙ୍କ ମୋହର ବାଜି ଏହା ପୂର୍ଣ୍ଣାଙ୍ଗ ଆଇନରେ ପରିଣତ ହୋଇଥିଲା । ଯାହାକୁ ଆଗାମୀ ୧ ତାରିଖରୁ ଲାଗୁ କରାଯିବ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷ ରୁ ବିଜ୍ଞପ୍ତି ଜାରି କରାଯାଇଥିଲା ,ଉକ୍ତ କାର୍ଯ୍ୟକ୍ରମ ରେ ବିଶିଷ୍ଟ ଆଇନଜୀବୀ ସୁବୋଧ କୁମାର ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ସେଲମା ,ବିଶାଲ ଅଗ୍ରୱାଲ, ଅଶୋକ ସାହୁ ମଞ୍ଚାସୀନ ଥିଲେ ।

# ଶାଳିଜଙ୍ଗା ଉଚ୍ଚବିଦ୍ୟାଳୟର ଦୁଇ ଶିକ୍ଷକଙ୍କ ଅବସର ସମ୍ବର୍ଦ୍ଧନା



**ଦାନଗଦି,(ମହାଭାରତ) :** ଶାଳିଜଙ୍ଗା ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଶିକ୍ଷକତା କରି ଦୁଇ ଜଣ ଶିକ୍ଷକ ଅବସର ନେଇଛନ୍ତି, ବିଦ୍ୟାଳୟରେ ରବିବାର ଦିନ ଏକ ସଭାରେ ବିଦ୍ୟାଳୟର ସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଶାଳିଜଙ୍ଗା ପଞ୍ଚାୟତ ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ବାରିକ ଓ ସଂସ୍କୃତ ଶିକ୍ଷକ ବିଜୟ କୁମାର ରଥଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ ଓ ବ୍ଲକ ଏ. ବି. ଇ.ଓ.ବଳରାମ ପତି ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ ।ପୁରାତନ ଛାତ୍ରଛାତ୍ରୀ , ପୂର୍ବରୁ ଥିବା ସମସ୍ତ ଶିକ୍ଷକ ଓ ବର୍ତ୍ତମାନ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଥିଲା ।ସମସ୍ତ ଶିକ୍ଷକ ମାନଙ୍କୁ ସ୍ୱାଗତ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା ।ବିଦ୍ୟାଳୟ ପକ୍ଷରୁ ଶିକ୍ଷକ ମାନଙ୍କୁ ଉପଢୌକନ ପ୍ରଦାନ କରିଥବା ବେଳେ ସେମାନେ ନିଜ ନିଜର ଅନୁଭୂତି ଓ ଅଭିଜ୍ଞତା ଛାତ୍ରଛାତ୍ରୀ ଗ୍ରହଣରେବକ୍ତ୍ୟବ୍ୟ ମାଧ୍ୟମରେ ରଖିଥିଲେ ।ତାଙ୍କ ପାଖରେ ପାଠପଢ଼ି ବହୁ ଛାତ୍ରଛାତ୍ରୀ ଆଜି ବହୁ ବଡ଼ ବଡ଼ ପଦପଦବୀରେ ରହିଛନ୍ତି । ଉକ୍ତ ସଭାରେ ଝାଡେଶ୍ୱର ଜୁନିୟର କଲେଜର ଅଧକ୍ଷ ମୁଖ୍ୟ ବକ୍ତା ଭାବେ ଅକ୍ଷୟ କୁମାର ପଣ୍ଡା,ମୋ ସ୍କୁଲ ସଭାପତି ବସନ୍ତ କୁମାର ଦାସ,ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର,ଶିକ୍ଷାବିତ ଫକିର ଚରଣ ଦାଶ,ପୂର୍ବତନ ଖେଳ ଶିକ୍ଷକ ଚକ୍ରଧର ଦାଶ,ପୁରାତନ ଛାତ୍ର ଅବିନାଶ ମିଶ୍ର,ଶାଳିଜଙ୍ଗା ପଞ୍ଚାୟତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ବିଦ୍ୟାଳୟ ନୂତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।ପରେ ଦୁଇ ଶିକ୍ଷକଙ୍କୁ ବିଦ୍ୟାଳୟ ନୂତନ ଓ ପୂରାତନ ଛାତ୍ର ପକ୍ଷରୁ ବାଦ୍ୟ ଯନ୍ତ ଦ୍ୱାରା ଏକ ଶୋଭାଯାତ୍ରା ରେ ନିଜ ବାସସ୍ଥାନକୁ ଛାଡିଥିବାର ଦେଖିବାକୁ ମିଳିଥିଲା ।

### ଗୋପାଳପୁର - ସମ୍ବଲପୁର ରେଳପଥ ପ୍ରକଳ୍ପ

# ପୂର୍ଣ୍ଣ ଅନୁଦାନ ଘୋଷଣା ଦାବି : କ୍ରିୟାନୁଷ୍ଠାନ କମିଟି



**ଭଞ୍ଜନଗର,(ମହାଭାରତ) :** ଦକ୍ଷିଣ ଓଡ଼ିଶାକୁ ପଶ୍ଚିମ ଓଡ଼ିଶା ସହ ରେଳ ଲାଇନ ଦ୍ୱାରା ସଂଯୋଗ କରିବା ପାଇଁ ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳପଥ ପାଇଁ ଦୀର୍ଘବର୍ଷ ଧରି ଦାବୀ ହୋଇ ଆସୁଛି । ଏହି ରେଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଭଞ୍ଜନଗର ଠାରେ ଓକିଲ ସଂଘ ପକ୍ଷରୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ ଗଠନ କରି ବିଭିନ୍ନ ପ୍ରକାର ଆନ୍ଦୋଳନ କରାଯାଇଥିବା ବେଳେ କେନ୍ଦ୍ର ସରକାର ୨୦୨୧ ମସିହାରେ ଏହି ପ୍ରକଳ୍ପକୁ ବଜେଟ୍‌ରେ ମଞ୍ଜୁର ପ୍ରଦାନ କରିଥିଲେ । କିନ୍ତୁ ଅଦ୍ୟାବଧି ରେଳପଥ ନିର୍ମାଣ କାର୍ଯ୍ୟ ନେଇ ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ତେଣୁ ପୁଣି ଥରେ ଭଞ୍ଜନଗର ଓକିଲ ସଂଘ ପକ୍ଷରୁ ପ୍ରସ୍ତାବିତ ରେଳପ୍ରକଳ୍ପ ଅଧୀନରେ ଆସୁଥିବା ଜିଲ୍ଲାର ଓକିଲ ସଂଘ ଓ କର୍ମକର୍ତ୍ତା ମାନଙ୍କୁ ନେଇ ରବିବାର ପୂର୍ବାହ୍ନରେ ଭଞ୍ଜନଗର କୋର୍ଟର ସୁବର୍ଣ୍ଣ ଜୟନ୍ତୀ ପାଠାଗାରରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧକ୍ଷ ତଥା ଆବାହକ ଶୈଳେନ୍ଦ୍ର ନାରାୟଣ ସାହୁ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାର ଚଳିତ ରେଳ ବଜେଟ ରେ ଏହି ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲା ଠାରୁ ଆରମ୍ଭ କରି କନ୍ଧମାଳ,ବୌଦ୍ଧ,ସମ୍ବଲପୁର ଜିଲ୍ଲାବାସୀ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ । ଏଥିସହ ଏହି ରେଳ ପ୍ରକଳ୍ପ ଦ୍ୱାରା କଦଳୀଗଡ ୱାଇ ଲିଙ୍କ୍ ? ଦ୍ୱାରା ତାଳଚେର କୋଇଲା ଖଣିରୁ ଗୋପାଳପୁର ବନ୍ଦରକୁ ସିଧାସଳଖ ପରିବହନ ସୁଗମ ହୋଇ ପାରିବ । ଏଥିପାଇଁ ଫାଇନାଲ ଲୋକେସନ୍ ସର୍ଭେ ଶେଷ ହୋଇଥିବା ବେଳେ ଜମି ମଧ ଚିହ୍ନଟ ହୋଇଛି । ସଂସଦର ଆଗାମୀ ଅଧିବେଶନରେ ହେବାକୁ ଥିବା ବଜେଟ୍ ଉପସ୍ଥାପନାରେ ଏହି ପ୍ରକଳ୍ପ ପାଇଁ ଚୁଡାନ୍ତ ମଞ୍ଜୁର ପ୍ରଦାନ କରିବା ସହ ଜମି ଅଧିଗ୍ରହଣ ଦିଗରେ ପଦକ୍ଷେପ ନେବା ପାଇଁ ବୈଠକ ଉପସ୍ଥିତ ବ୍ୟକ୍ତି ବିଶେଷ ମତପ୍ରକାଶ କରିଛନ୍ତି । ଏଥି ନିମନ୍ତେ ରାଜ୍ୟ ସରକାର ଓ କେନ୍ଦ୍ର ରେଳମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି କୁହାଯାଇଛି । ଏ ନେଇ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ସ୍ଥାନୀୟ ଜନପ୍ରତିନିଧି ଙ୍କ ସହାୟତା ରେ ଖୁବଶୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ସାକ୍ଷାତ କରିବ ବୋଲି ଆବାହକ ଶ୍ରୀ ସାହୁ ସୂଚନା ଦେଇଛନ୍ତି । ବୈଠକ ରେ ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ,ଦଣ୍ଡପାଣି ସ୍ୱାଇଁ,ସନ୍ତୋଷ ନାୟକ,ଅଭିମନ୍ୟୁ ଗୌଡ଼,ସୁରେଶ ତ୍ରିପାଠୀ,ଆସିକା ଓକିଲ ସଂଘ ପକ୍ଷରୁ ସୁବ୍ରମଣ୍ୟମ ରାଓ, କବିସୂର୍ଯ୍ୟନଗର ଆଇନଜୀବୀ ବି.ଶଙ୍କର ପାତ୍ର ରେଳ ପ୍ରକଳ୍ପ ନେଇ ମତ ଦେଇଥିଲେ । ସମ୍ପାଦକ ରାଜେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ଆଇନଜୀବୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ,୨୦୨୦-୨୧ ବଜେଟ୍‌ରେ ଏହି ପ୍ରକଳ୍ପକୁ ମଞ୍ଜୁର ମିଳିଥିବା ବେଳେ ଏହି ପ୍ରକଳ୍ପ ନିମନ୍ତେ ୨.୯୭୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା । ପରବର୍ତ୍ତୀ ସମୟରେ ବିଭିନ୍ନ ବଜେଟ୍‌ରେ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହେଇଥିବା ବେଳେ ଆଗାମୀ ବଜେଟ୍‌ରେ ପୂର୍ଣ୍ଣ ଅନୁଦାନ ଘୋଷଣା କରାଯିବ ବୋଲି ସମସ୍ତେ ଆଶାବାଦୀ ଅଛନ୍ତି । ପ୍ରାଥମିକ ସର୍ଭେ ରିପୋର୍ଟ ଅନୁଯାୟୀ,ଏହି ରେଳପଥ ପାଇଁ ଗଞ୍ଜାମ ଜିଲ୍ଲାର ଜଗନ୍ନାଥପୁର ରେଳ ଷ୍ଟେସନ୍ ଠାରୁ ରେଢାଖୋଲ ପର୍ଯ୍ୟନ୍ତ ନୂତନ ଲାଇନ୍ ବିଛାଯିବ । ଯାହାର ଲମ୍ବା ପ୍ରାୟ ୨୪୧ କିମି ରହିବ । ଏଥିସହ କଦଳୀଗଡ଼ରୁ ୨୫ କିମି ୱାଇ ଲିଙ୍କ୍ ଏବଂ ଜଗନ୍ନାଥପୁରରୁ ଗୋପାଳପୁର ବନ୍ଦର ୧୦ କିମି ଶାଖା ଲାଇନ୍ ମିଶି ମୋଟ ୨୭୫ କିମି ରେଳପଥ ନିର୍ମାଣ ପାଇଁ ଯୋଜନା ରହିଛି । କେବଳ ଗଞ୍ଜାମ ଜିଲ୍ଲାରେ ୧୦୫ କିମି ଏହି ରେଳପଥ ନିର୍ମାଣ ହେବ । ତେବେ ଚଳିତ ନିର୍ବାଚନ ପରେ ଉକ୍ତ ପ୍ରସ୍ତାବିତ ରେଳପ୍ରକଳ୍ପ ଯାଉଥିବା ସଂସଦୀୟ କ୍ଷେତ୍ର ଗୁଡିକରେ ବିଜେପି ସାଂସଦ ମାନେ ବିଜୟୀ ହୋଇଥିବା ବେଳେ କେନ୍ଦ୍ରରେ ବିଜେପି ସରକାର ରହିଛି । ଏଥିସହ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୁଣି ଥରେ ରେଳ ବିଭାଗ ମିଳିଛି । ତେଣୁ ଆଗାମୀ ବଜେଟକୁ ଦୃଷ୍ଟିରେ ରଖି ଓକିଲ ସଂଘ ଠାରୁ ଆରମ୍ଭ କରି ଏହି ପ୍ରକଳ୍ପ ପାଇଁ ସମସ୍ତେ ଏକ ପ୍ରକାର ଆଶାବାଦୀ ରହିଛନ୍ତି ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବେଗୁନିଆ,(ମହାଭାରତ) :** ବେଗୁନିଆ ବ୍ଲକ୍ ଅଧୀନ ଗଡ଼ମାଣତୀର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଙ୍ଗିନୀ ଦାସଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପୂର୍ବତନ ସୈନିକ ଦାଶରଥି ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଯୋଗ ଦେଇଥିବାବେଳେ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ କରୁଣାକର ଦଳସିଂହ ରାୟ, ବ୍ଲକ ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର, ସଂପାଦକ ରତିକାନ୍ତ କହଳସିଂହ, ଦାଶରଥି ପ୍ରଧାନ, ଅକ୍ଷୟ ମହାପାତ୍ର, ନିବାସ ଚନ୍ଦ୍ର ପାଇକରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୋଳ, ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବରିଷ୍ଠ କମ୍ୟୁନିଷ୍ଟ ନେତାଙ୍କ ପରଲୋକ

**ବେଗୁନିଆ,(ମହାଭାରତ) :** ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ବର୍ଷିୟାନ କମ୍ୟୁନିଷ୍ଟ ନେତା ମୁରଲୀ ଭୋଳ (୮୧) ଙ୍କ ପରଲୋକ ହୋଇଯାଇଛି ।ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ତ ହୋଇ ଶଯ୍ୟାଶାୟୀ ଥିଲେ । ସ୍ୱର୍ଗତଃ ଭୋଳ କୃଷକ ଆନ୍ଦୋଳନ, ଜନସାଧାରଣଙ୍କ ମୌଳିକ ଅଧିକାର ଉପରେ ନେତୃତ୍ୱ ନେଇ ଆନ୍ଦୋଳନ କରୁଥିଲେ । ସେ ଜଣେ ସରଳ, ନିଷ୍କପଟ, ସୁସଙ୍ଗଠକ, ହୋଇଥିବାରୁ ତାଙ୍କ ବିୟୋଗରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ବସନ୍ତ ପାଇକରାୟ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିବା ସହିତ ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






### ନୟାଗଡ଼ ରଥଯାତ୍ରା ପାଇଁ ଦଶପଲ୍ଲାରୁ ଆସିଲା କାଠ

## ରଥ ନିର୍ମାଣରେ ନିମଗ୍ନ କାରିଗର



ନୟାଗଡ଼, ( ମହାଭାରତ ) : ଏଥର ନୟାଗଡ଼ରେ ରଥଯାତ୍ରା ପାଇଁ ପ୍ରଥମ ଥର ପାଇଁ କାଠ ସମସ୍ୟା ସୃଷ୍ଟି ହୋଇଛି। ବନବିଭାଗ କାଠ ଦେବା ପାଇଁ ମନା କରିବା ପରେ ଦେବୋତ୍ତର ବିଭାଗ ଦଶପଲ୍ଲା ବନ ନିଗମରୁ ଆବଶ୍ୟକ ୧୫ ଲଗ୍ କାଠ କିଣିଛି। ଏହି କାଠ ନୟାଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ଏବେ କାରିଗର ମାନେ ରଥ ନିର୍ମାଣରେ ଲାଗି ପଡ଼ିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେପରି ରଥ, ଅଖ ସବୁକିଛି ନିର୍ମାଣ ହୋଇଯିବ, ସେ ଦିଗରେ ସେମାନେ ବ୍ୟସ୍ତ। ସେପଟେ ଗଛ କିଛି ଦିନ ତଳେ ଟ୍ରେଜେରିରୁ ଜଗନ୍ନାଥଙ୍କ ପୁରୁଣା ଗହଣା ବାହାର କରାଯାଇଛି। ସେଥିମଧ୍ୟରୁ ଯେଉଁ ଗୁଡ଼ିକ ଭାଙ୍ଗି ଯାଇଛି, ତାହାର ମରାମତି କରାଯିବ। ଏହାପରେ ଏହି ଗହଣା ଗୁଡ଼ିକ ଉପରେ ସୁନା ଲେପ ଦିଆଯିବା ପାଇଁ କଟକ ନିଆଯିବ। ଚଳିତ ବର୍ଷ ୩ଟି ରଥ ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା ଶାଳ କାଠ ଯୋଗାଇବା ପାଇଁ ବନଖଣ୍ଡ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଥିଲା। ମାତ୍ର ବନ ବିଭାଗ ନିକଟରେ କାଠ ମହଜୁଦ୍ ନଥିବା କହିଥିଲା। ଗତ ବର୍ଷର ଯେଉଁ କାଠ ଗୁଡ଼ିକ ରଥ ନିର୍ମାଣ ପରେ ବଳକା ରହିଥିଲା ସେଗୁଡ଼ିକୁ ସେମିତି ଖୋଲାରେ ପକାଇ ଦିଆଗଲା। ସେଥିମଧ୍ୟରୁ କିଛି ଚୋରି ହୋଇଗଲା ଓ ଖରା ବର୍ଷାରେ ଆଉ କିଛି ନଷ୍ଟ ହୋଇଗଲା। ଚଳିତ ବର୍ଷ ସେଥିମଧ୍ୟରୁ ଭଲ ଥିବା କିଛି କାଠକୁ ବାଛି ଏବେ ନିର୍ମାଣ କାର୍ଯ୍ୟରେ ଲଗା ଯାଉଛି। ତେବେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଦେବୋତ୍ତର ବିଭାଗର ଏହି ନୀତିକୁ ସବୁ ମହଲରୁ ସମାଲୋଚନା କରାଯାଉଛି। ବିଗତ କିଛି ଦିନ ତଳେ ଟ୍ରେଜେରି କାର୍ଯ୍ୟାଳୟରୁ ପ୍ରଶାସନର ବରିଷ୍ଠ ଅଧିକାରୀ ମାନଙ୍କ ଉପସ୍ଥିତିରେ ଗହଣା ବାହାରିଛି। ରାଜରାଜୁଡ଼ା ଅମଳରୁ ଥିବା ଏହି ଗହଣା ଗୁଡ଼ିକ ଭାଙ୍ଗି ଯାଇଥିବା ବେଳେ ଏହା ସୁନାବେଶରେ ଆଦୌ ବ୍ୟବହାର ଯୋଗ୍ୟ ନୁହେଁ। ତେଣୁ ଏହି ଭଙ୍ଗା ଗହଣା ଗୁଡ଼ିକର ଏଠାରେ ପ୍ରଥମେ ମରାମତି କରାଯିବ। ଏହାପରେ ସେଗୁଡ଼ିକୁ ସୁନା ଲେପ ଦେବା ପାଇଁ କାରିଗର ମାନେ କଟକ ନେବ। ଏ ସମସ୍ତ କାର୍ଯ୍ୟରେ ୭ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ବିଧାୟକ ଅରୁଣ ସାହୁ, ସମାଜସେବୀ ପ୍ରମୋଦ ପଟ୍ଟନାୟକ ଓ ପ୍ରଶାସନର ମିଳିତ ସହଯୋଗରେ ଗହଣା ମରାମତି କାର୍ଯ୍ୟ ସମ୍ଭବ ହୋଇପାରିଛି। ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ଦିନ ନେତ୍ରୋତ୍ସବ ନବଯୌବନ ଦର୍ଶନ " ଗୋଟିଏ ଦିନରେ ପଡୁଥିବାରୁ ରଥ ଟଣା ସମୟ ବିଳମ୍ବ ହେବ ବୋଲି ଜଣାପଡ଼ିଛି। ତିନି ବର୍ଷ ବନ୍ଦ ରହିବା ପରେ ଏଥର ସୁନାବେଶ ଅନୁଷ୍ଠିତ ହେବ। ତିନି ଠାକୁର ଗୁଣ୍ଡିଚା ମଣ୍ଡପରେ ରହିବା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ନିଜ ଘରେ ସେକ୍ସ ରାକେଟ୍ କାରବାର

## ଦୁଇ ରୂପଜୀବି ସମେତ ମୋଟ୍ ଚାରି ଗିରଫ

ଅନୁଗୁଳ (ମହାଭାରତ): ବିଭିନ୍ନ ସ୍ଥାନରୁ ଯୁବତୀଙ୍କୁ ଆଣି ଘରେ ରଖୁଥିଲେ ମହିଳା ଆଉ ତାଙ୍କ ସ୍ୱାମୀ ବାହାରି ପଡୁଥିଲେ ଗ୍ରାହକ ସନ୍ଧାନରେ ପରେ ପତି-ପତ୍ନୀ ମିଶି ନିଜ ଘରେ ଚଳାଉଥିଲେ ଦେହ କାରବାର ଏଥିରେ ସହଯୋଗ କରୁଥିଲା ପୁଅ, ଅନୁଗୁଳ ଥାନା ପୁଲିସ ଏମିତି ଏକ ସେକ୍ସ ରାକେଟକୁ ଧରିଥିଲା ବେଳେ ଗ୍ରାହକଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଦନ ମୋହନପଡ଼ାର ନସିମ୍ ଅହମ୍ମଦ(୫୫), ନିଶାର ଅହମ୍ମଦ(୧୯), ଶ୍ରୀଧର ବାରିକ(୪୨) ଓ ବ୍ରଜମୋହନ ସାହୁ(୩୪) ସୂଚନା ଅନୁସାରେ, ମଦନ ମୋହନପଡ଼ାର ବିକ୍ରମ ଲଜ୍ ପଛ ପାଖରେ ସବ୍ନମ ବେଗମ୍‌ଙ୍କ ଘରେ ଦେହ ବ୍ୟବସାୟ ଚାଲିଥିବା ନେଇ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା।ଏହା ପରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଶନିବାର



ଅପରାହ୍ଣରେ ସେଠାରେ ଚଢ଼ାଉ କରିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଦେହ କାରବାର ଚାଲିଥିବା ଦେଖିବାକୁ ପାଇଥିଲା। ଏକ ଦୁଇ ମହଲା ଘରର ତଳ ମହଲାରେ ଜଣେ ଯୁବକ ଓ ମହିଳା ଅସଂଜତ ଅବସ୍ଥାରେ ଧରା ପଡ଼ିଥିଲେ ସେହିପରି ପ୍ରଥମ ମହଲାରେ ମଧ୍ୟ ଜଣେ ମହିଳା ଓ ଯୁବକ ଅସଂଜତ ଅବସ୍ଥାରେ ଥିଲା ବେଳେ ପୁଲିସ ପହଞ୍ଚିଥିଲା। ପୁଲିସ ସେମାନଙ୍କ ପାଖରୁ ବହୁ ଆପତ୍ତିଜନକ ସାମଗ୍ରୀ ଜବତ ପରେ ସେମାନେ ଦେହ କାର ପାଇଁ ଆସିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ । ପରେ ପୁଲିସ ଘରର ବିଭିନ୍ନ କୋଠରୀ ଯାଞ୍ଚ କରିଥିଲା। ଏଠାରୁ ବିପୁଳ ପରିମାଣର କଣ୍ଡୋମ୍ ଓ ବହୁ ମୋବାଇଲ୍ ଫୋନ୍ ଜବତ କରିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି କରି ଗ୍ରାହକ ଶ୍ରୀଧର ବାରିକ(୪୨) ଓ ବ୍ରଜମୋହନ ସାହୁ(୩୪) ଙ୍କୁ ଗିରଫ କରିଛି। ସେହିପରି ସବ୍ନମ ବେଗମଙ୍କ ସ୍ୱାମୀ ନସିମ୍ ଓ ପୁଅ ନିଶାରକୁ ଗିରଫ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ଆଉ କିଏ କିଏ ଅଛନ୍ତି ତା'ର ଖୋଳତାଡ଼ ଚାଲିଛି। ପୁଲିସ ଦୁଇଟି ମଟର ସାଇକଲ ସହିତ ଏକାଧିକ ମୋବାଇଲ୍ ଓ ନଗଦ ଟଙ୍କା ଜବତ କରିଛି।

## ଦଣ୍ଡସିଂହା ବାଲୁଙ୍କେଶ୍ୱର ଶିବ ମନ୍ଦିର ଠାରେ ରକ୍ତଦାନ ପ୍ରସ୍ତୁତି ବୈଠକ

କଣିହାଁ,(ମହାଭାରତ)ଦଣ୍ଡସିଂହା ବାଲୁଙ୍କେଶ୍ୱର ଶିବ ମନ୍ଦିର ଠାରେ ଅପରାହ୍ନ ୫ଘଣ୍ଟିକା ସମୟରେ ଶ୍ରୀ ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ କମରେଇ ଅଞ୍ଚଳିକ ଯୁବକ ମାନଙ୍କୁ ନେଇ ଏକ ରକ୍ତଦାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ନିଷ୍ପତି କ୍ରମେ ତା ୧୪/୭/୨୦୨୪ ରିଖ ଦିନ ରିଜିଓନାଲ ହାଇସ୍କୁଲ,ଗଣ୍ଡବେରଣା ଠାରେ ରକ୍ତଦାନ ଶିବିର ଦାନ କେନ୍ଦ୍ର ନିମନ୍ତେ ସ୍ଥିର ହୋଇଛି। ଏହି ବୈଠକ କଣିହାଁ ଓ କମରେଇ ଅଞ୍ଚଳର ଶ୍ରୀ ଜଳଧର ମହାନ୍ତି, ବିସିକେଶନ ମହାନ୍ତି,ସାମ୍ବାଦିକ ଭୂପେନ ଗଡ଼ନାୟକ,ସମ୍ୟରଞ୍ଜନ ପ୍ରଧାନ, ଦୁଷ୍ମନ୍ତ କୁମାର ପ୍ରଧାନ, ଅନିଲ କୁମାର ମହାନ୍ତି, ରଞ୍ଜନ ଭୂତିଆ, ସତ୍ୟବ୍ରତ ସାହୁ, ଦୁଃଖବନ୍ଧୁ ଭୂତିଆ,ଶ୍ରବଣ କୁମାର, ଶଶିକାନ୍ତ ବେହେରା,ପ୍ରକାଶ ଚନ୍ଦ୍ର ଭୂତିଆ, ବିନୋଦ ଧୀର,ରାକେଶ ବେହେରା, ବେଣୁଧର ବେହେରା,ଟିକଟ ମହାନ୍ତି, ବିନୟ କୁମାର ବେହେରା, ବିଜୟ କୁମାର ବେହେରା,ସତ୍ୟବ୍ରତ ମହାନ୍ତି, ପ୍ରିୟବ୍ରତ ମହାନ୍ତି, ଅନିଲ ବଡ଼କଅଁର,ସୁକାନ୍ତ ପରିଡା,ଏହି ବୈଠକ ରେ ଉପସ୍ଥିତ ଥିଲେ।

## ଘର ବାହୁଡ଼ା ହେଲେ ସାତ ଭଉଣୀ ଉଦଯାପିତ ହେଲା ମା ଫୁଲକେଶିନୀ ଯାତ୍ରା



ଆସିକା(ମହାଭାରତ):ଆସିକାରେ ଠାକୁରାଣୀ ମା' ଫୁଲକେଶିନୀଙ୍କ ତ୍ରିବାର୍ଷିକ ଯାତ୍ରା ଆଜି ଉଦ୍ୟାପିତ ହୋଇଛି। ଆଜି ଅପରାହ୍ନରେ ସପ୍ତ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ପୂର୍ଣ୍ଣାହୁତି ହୋଇଥିଲା। ସନ୍ଧ୍ୟାରେ ବିରାଟ ପଟୁଆରରେ ସପ୍ତ ଠାକୁରାଣୀ ମା' ଫୁଲକେଶିନୀ,ମା' ଖମ୍ବେଶ୍ୱରୀ, ମା' କାଳୀମୁଖି,ମା' ବୁଢ଼ୀ ଠାକୁରାଣୀ, ମାଣିକେଶ୍ୱରୀ, ମା' ବିମଳା ଓ ଗ୍ରାମଦେବତୀ ଅସ୍ଥାୟୀ ମଣ୍ଡପରୁ ବାହାରି ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସପ୍ତଠାକୁରାଣୀଙ୍କୁ ଭାବବିହ୍ୱଳ ପରିବେଶ ମଧ୍ୟରେ ବିଦାୟ ଦିଆଯାଇଥିଲା। ଗତକାଲି ବିରାଟ ପଟୁଆରରେ ସପ୍ତ ଠାକୁରାଣୀ ବାଦ୍ୟବାଜଣା ସହ ସହର ପରିକ୍ରମା କରିଥିଲେୟ ଆଉ ୧୩ ଦିନ ବ୍ୟାପୀ ଚାଲିଥିବା ଯାତ୍ରା ଆଜି ଶାନ୍ତି ଶୃଙ୍ଖଳାର ସହ ଉଦ୍ୟାପିତ ହୋଇଯାଇଛି। ଯାତ୍ରା ପରିଚାଳନା କମିଟିର ସଭାପତି ଶିବଶଙ୍କର ପାତ୍ର,ଉପଦେଷ୍ଟା ସତ୍ୟନାରାୟଣ ରଥ, ଉପସଭାପତି ତାରିଣୀ ସେନାପତି,ମନୋଜ ମୁନୀ ଓ ନିରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା, ଜୋନ୍ଭିତ୍ତିକ କର୍ମକର୍ତ୍ତା ଓ ବହୁ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେୟ ଆସିକା ପ୍ରଶାସନ ଓ ପୋଲିସ୍ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଶିଶୁ ମନ୍ଦିରରେ ବନ ମହୋତ୍ସବ ଅବସରରେ ବୃକ୍ଷ ରୋପଣ

ଗୋଲାମୁଣ୍ଡା (ମହାଭାରତ) ବନ ମହୋତ୍ସବ ହେଉଛି ଲୋକଙ୍କୁ ବୃକ୍ଷ ରୋପଣ ଏବଂ ଦେଶରେ ଅଧିକ ଜଙ୍ଗଲ ସୃଷ୍ଟି କରିବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟ ରେ ଆଜି ଗୋଲାମୁଣ୍ଡା ଶିଶୁ ମନ୍ଦିର ପରିସରରେ ୭୫ ତମ ବନୋମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ସମାଜସେବୀ ତଥା ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଶ୍ୟାମ ସୁନ୍ଦର ଅଗ୍ରୱାଲ, ବ୍ୟାସ କଥାକାର ଅର୍ଜୁନ ଶାସ୍ତ୍ରୀ, ସାମ୍ବାଦିକ ପଙ୍କଜ ସାହୁ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମା ପ୍ରସାଦ କାଣ୍ଡ ସମେତ ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇ ଚାରା ରୋପଣ କରିଥିଲେ ।ଗଛଗୁଡିକ ଖାଦ୍ୟ ଉତ୍ସର ଉତ୍ପାଦନ ବୃଦ୍ଧି କରେ, ଗୋରୁ ତଥା ଅନ୍ୟ ପ୍ରାଣୀ ଏବଂ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଏବଂ ଛାୟା ଯୋଗାଏ, ମରୁଡ଼ି ହ୍ରାସ କରେ ଏବଂ ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରିଥାଏ ।ଏହି ଦିନ ଟିକୁ ଆହୁରି ସର୍ବସାଧାରଣ ସଚେତନ କରି ଅଧିକରୁ ଅଧିକ କିପରି ବୃକ୍ଷ ରୋପଣ ହୋଇ ପାରିବ ସେ ଦିଗରେ ପଦକ୍ଷେପ ନେବା ଉଚିତ।

## ସାମ୍ବାଦିକଙ୍କୁ ହତ୍ୟା ଧମକ ଉପରୁ ହଟିଲା ପରଦା ନିଜ ସମ୍ପର୍କୀୟ ଦେଇଥିଲେ ଧମକ

ହାଟଡିହି(ମହାଭାରତ): ଆନନ୍ଦପୁର ଉପଖଣ୍ଡର କାର୍ଯ୍ୟରତ ଜଣେ ସାମ୍ବାଦିକଙ୍କୁ ଫୋନ୍‌ରେ ହତ୍ୟା ଧମକ ଦିଆଯାଇଥିଲା। ଏନେଇ ସମ୍ପୃକ୍ତ ସାମ୍ବାଦିକ ଜଣକ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଶୁକ୍ରବାର ସନ୍ଧ୍ୟାରେ ନନ୍ଦିପଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ହାଟଡ଼ିହୀ ବ୍ଲକ ନୂଆରମ୍ଭାସ ଗ୍ରାମର ପ୍ରବୀର କୁମାର ନାୟକଙ୍କୁ ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜ ପରିଚୟ ନଦେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସ ସହ ଅଣା ଛକକୁ ଆସିଲେ ହତ୍ୟା କରି ଗଛରେ ଟାଙ୍ଗି ଦେବେ ବୋଲି ଧମକ ଦେଇଥିବା ନେଇ ପ୍ରବୀର ଅଭିଯୋଗ ପତ୍ରରେ ଉଲ୍ଲେଖ କରି କରିବା ସହ ଫୋନ ଧମକରେ ଭୟଭୀତ ହୋଇ ଶୁକ୍ରବାର ସନ୍ଧ୍ୟା ରେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଓ ଯାହାକୁ ନେଇ ନନ୍ଦିପଦା ଥାନାରେ କର୍ତ୍ତବ୍ୟରତ ଏସାଇ ସୁଷମା ସୁନ୍ଦରୀ ସେଠୀ ପୁରା ଘଟଣା ସଂପର୍କରେ ପଚାରିଥିବା ବେଳେ ସାମ୍ବାଦିକ ପ୍ରବିର କୁମାର ନାୟକ ଘଟଣା ରସବୁ କଥା କହିଥିଲା। ଘଟଣାଟି ହେଲା ଉକ୍ତ ସାମ୍ବାଦିକ ଙ୍କ ର ଜଣେ ସମ୍ପର୍କୀୟ ଭଉଣୀ ତାଙ୍କ ନିଜ ଘରେ ଆସି ରହୁଥିବା ବେଳେ କିଛି ଦିନ ପୂର୍ବରୁ ଉକ୍ତ ଭଉଣୀ ଙ୍କ ଝଗଡ଼ା ଲାଗିବା ପରେ ତାଙ୍କୁ ପ୍ରବୀର୍ ମାଡ ମାରିଥିଲେ । ଯେହେତୁ ସଂପର୍କ ରେ ଭାଇ ଭଉଣୀ ତେଣୁ କଥା ଘରେ ଅଟକି ରହିଯାଇଥିଲା ହେଲେ




ସମ୍ପର୍କୀୟ ଭଉଣୀ ଙ୍କ ର ଅନ୍ୟ ଜଣେ ବନ୍ଧୁ ପ୍ରବୀର୍ ଙ୍କୁ ରାତି ରେ ଫୋନ କରି ତୁ କାହିଁକି ସମସ୍ତ ଙ୍କୁ ମାରୁଛୁ ବୋଲି କହିଥିଲେ ଓ ଗାଳି କରି ଥିଲେ ପ୍ରବୀର୍ ସବୁ କଥା ଜାଣିବା ପରେ ପୁଲିସ ର ଆଶ୍ରୟ ନେଇଥିଲା କି ମୋତେ ଧମକ ଦେବା ଯୋଗୁଁ ପୁଲିସ ତାଙ୍କୁ ଧରି ପାନେ ଦେଉ ହେଲେ ପୁରା ଘଟଣା ନିଜ ଜଣା ଶୁଣା ମଧ୍ୟରେ ଘଟିଥିବା ଜାଣିବା ପରେ ସେହି ନମ୍ବର କୁ ବ୍ଲକ କରି ଦେବାକୁ ନନ୍ଦିପଦା ଥାନା ପକ୍ଷରୁ ସୂଚନା ଦିଆଯାଇ ଥିଲା। ପରେ ସାମ୍ବାଦିକ ପ୍ରବୀର୍ ଏହାକୁ ଅଧିକ ବିସ୍ତୃତ କରିବାକୁ ଚେଷ୍ଟା କରି ଚାଲିଛନ୍ତି। କିନ୍ତୁ ଘାଟଣା ସମ୍ପୂର୍ଣ୍ଣ ପାରିବାରିକ ଭଳି ଅନୁମେୟ।

## କରେଲଧୁଆ ଓଭର ବ୍ରିଜ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ୨ ଗୁରୁତର

ଟିଟିଲାଗଡ (ମହାଭାରତ) ବଲାଙ୍ଗୀର ଜିଲ୍ଲା ସଇଁନ୍ତଲା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୬ ଅଧିନସ୍ତ କରେଲଧୁଆ ଓଭର ବ୍ରିଜ ନିକଟରେ ଏକ ବାଇକ କୁ ଏକ ଅଜଣା ଗାଡି ଧକ୍କା ରୁ ସଡ଼କ ଦୁର୍ଘଟଣା ଘଟିଯାଇଛି ।ସୂଚନାମତେ ଏହି କି ଯେ ବଲାଙ୍ଗିର ପଟୁ ସଇଁତଲା ଅଭିମୁଖେ ଯାଉଥିବା ବେଳେ ଘୋର ଦିନ ୧:୩୦ ମିନିଟ ସମୟ ରେ ପିକପ୍ ଭ୍ୟାନ୍ ଟି ଦୃତ ଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ କରେଲଧୁଆ ଓଭର ବ୍ରିଜ ନିକଟରେ ବାଇକ କୁ ପଛ ପଟୁ ପିଟି ଦେଇ ଫେରାର ହୋଇଯାଥିଲା। ଯାହାଫଳରେ ଦୁଇ ଜଣ ଯୁବକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ପାଖରେ ଥିବା ସ୍ଥାନୀୟ ଲୋକେ ଦେଖିବା କୁ ପାଇଥିଲେ ।ତେବେ ସଙ୍ଗେ ସଙ୍ଗେ ସଇଁନ୍ତଲା ୧୦୮ ଏମ୍ବୁଲାନ୍ସ କୁ ଖବର ଦେବାପରେ ଘଟଣାସ୍ଥଳ କୁ ପହଞ୍ଚି ସଇଁନ୍ତଲା ଡାକ୍ତର ଖାନା ରେ ମଧ୍ୟ ଭର୍ତି କରାଯାଇଛି ତେବେ ଗୁରୁତର ଭାବେ ଆହାତ ହୋଇଥିବା ଜଣକ ଙ୍କ ନାମ ହେଉଛି ସଇଁନ୍ତଲା ଥାନା ଅନ୍ତର୍ଗତ ଘୁନସର ଗ୍ରାମ ର ଲବ ସାହୁ ଓ ଆଉ ଜଣଙ୍କ ପରିଚୟ ମିଳିପାରିନାହିଁ।

## ଗୋମାଂସ ବୋଝେଇ ଦୁଇ କଣ୍ଟେନରକୁ ଜବତ କରିଲେ ଗୋ ସେବକ

ଖୋର୍ଦ୍ଧା(ମହାଭାରତ): କିଛି ଦିନର ବ୍ୟବଧାନ ପରେ ପୁଣି ଖୋର୍ଦ୍ଧା ୧୬ନମ୍ବର ଜାତୀୟ ରାଜପଥରୁ ଦୁଇ ଦୁଇଟି ଗୋ ମାଂସ ବୋଝେଇ କଣ୍ଟେନରକୁ ଗୋ ସୁରକ୍ଷା କର୍ମୀ ଜବତ କରିଥିବା ବେଳେ ଡ୍ରାଇଭର କାବୁ କରି ପୋଲିସର ଜିମା ଦେଇଛନ୍ତି ଗୋ ସୁରକ୍ଷା କର୍ମୀ । ସୂଚନା ମୁତାବକ ଗତକାଲି ସନ୍ଧ୍ୟା ସମୟରେ ଦୁଇଗୋଟି ଗୋ ମାଂସ ବୋଝେଇ କଣ୍ଟେନର କଲିକତାରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବାର ଖବର ପାଇ ଖୋର୍ଦ୍ଧାର କିଛି ଗୋ ସୁରକ୍ଷା କର୍ମୀ ଉଭୟ ଗାଡ଼ିକୁ ପିଛା କରିଥିଲେ ହେଲେ କୌଶଳ କ୍ରମେ ଦୁଇଗୋଟି କଣ୍ଟେନର ମଧ୍ୟରୁ ଗୋଟିଏ କଣ୍ଟେନର ଗୋ ସୁରକ୍ଷା କର୍ମୀଙ୍କୁ ଚକମା ଦେଇ ରାଜପଥରୁ ଉଭାନ ହୋଇଯାଇଥିବା ବେଳେ ଅନ୍ୟ କଣ୍ଟେନରକୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଉକ୍ତ କଣ୍ଟେନର ରେ ବିପୁଳ ପରିମାଣର ଗୋ ମାଂସ ଥିବା ଜାଣିବାକୁ ପାଇ ପୋଲିସର ଜିମା ଦେଇଥିଲେ ଗୋ ସୁରକ୍ଷା କର୍ମୀ । ତେବେ ଗୋ ସୁରକ୍ଷା କର୍ମୀଙ୍କୁ ଚକମା ଦେଇ ରାଜପଥରୁ ଉଭାନ ହୋଇଥିବା ଅନ୍ୟ ଗୋ ମାଂସ ବୋଝେଇ କଣ୍ଟେନରକୁ ଗତ କାଲି ବିଳମ୍ବିତ ରାତିରେ ଧରିବାରେ ମଧ୍ୟ ସକ୍ଷମ ହୋଇଥିଲେ ଗୋ ସୁରକ୍ଷା କର୍ମୀ । ଉଭୟ ମାଂସ ବୋଝେଇ କଣ୍ଟେନର ଖୋର୍ଦ୍ଧା ସଦର ଥାନାରେ ଅଟକ ଥିବା ବେଳେ ଅଧିକ ଯାଞ୍ଚ କରୁଛି ପୋଲିସ। ତେବେ ବାରମ୍ବାର ଏପରି ଘଟଣା ଘଟୁଥିବା ବେଳେ ଗୋ ସୁରକ୍ଷା କର୍ମୀ ରାଧା ମୋହନ ପ୍ରଧାନ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ ,(ମହାଭାରତ ):ଆଜି ଜିଲ୍ଲାପାଳ ମହମ୍ମଦ ଅବ୍ଦାଲ୍ ଅଖତରଙ୍କ ଅଧ୍ୟକ୍ଷତାରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ୟ ଜନଶୁଣାଣି ଶିବିରରେ ସମୁଦାୟ ୧୫୪ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୪୩ଟି ବ୍ୟକ୍ତିଗତ ଓ ୧୧ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା ୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, କିଶୋରନଗର ପଞ୍ଚାୟତ ସମିତି ଅକ୍ଷ୍ୟକ୍ଷା ଶ୍ରୀମତୀ ସୌରେନ୍ଦ୍ରୀ ପ୍ରଧାନ, କିଶୋରନଗର ପଞ୍ଚାୟତ ସମିତି ଉପାଧକ୍ଷ ଶ୍ରୀ ଲବ କିଶୋର ପ୍ରଧାନ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଦ୍ମନାଭ ସାମନ୍ତରାୟ, ଆଇ.ଏ.ଏସ୍ ପ୍ରୋବେସନରୀ ତେଜସ୍ୱିନୀ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନିଲ କୁମାର ବେଉରିଆ, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଜିତେନ୍ଦ୍ର କୁମାର ପାତ୍ର, କିଶୋରନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିନୋଦ ବିହାରୀ ବେହେରାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ୟ ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ୟ ଏହି କାର୍ଯ୍ୟକ୍ରମରେ ସମୁଦାୟ ୬୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ୟ ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ୟ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରଣ୍ୟନ୍ଦୁ ମହାନ୍ତି, ଏ .ସି. ଏଫ୍. ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ୟ ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ ଓ ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ

### ଆଶ୍ୱସ୍ତି ଆଣିଦେଲା ଲଗାଣ ବର୍ଷା

## ବିହନ କିଣିବା ପାଇଁ ବଢୁଛି ଚାହିଦ, ବିକ୍ରି ହେଲାଣି ୫ ହଜାର କ୍ୱିଣ୍ଟାଲ୍

ନୟାଗଡ଼, ( ମହାଭାରତ ) : ଲଗାଣ ବର୍ଷା ଆଣିଦେଲା ଆଶ୍ୱସ୍ତି। ଚାଷ ପାଇଁ ଏବେ ଚାଷୀମାନେ ଜୋରଦାର୍ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ବର୍ଷା ଅଭାବରୁ ଚାଷୀମାନେ ଏତେ ଭୟଭୀତ ହୋଇପଡ଼ିଥିଲେ ଯେ, ବିହନ କିଣିବା ପାଇଁ ମଧ୍ୟ ଭୟ କରୁଥିଲେ। ମାତ୍ର ଏବେ କିଛି ଦିନ ହେଲା ବର୍ଷା ଭଲ ହୋଇଥିବାରୁ ଚାଷ ପାଇଁ ଚାଷୀମାନେ ତତ୍ପର ହୋଇ ଉଠିଲେଣି। ଫଳରେ ହଠାତ ବିହନ ବିକ୍ରି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୫ ହଜାର କ୍ୱିଣ୍ଟାଲ୍ ରୁ ଅଧିକ ଧାନ ବିହନ ବିକ୍ରି ହେଲାଣି। ମିଳିଥିବା ସୂଚନା





ମୁତାବକ, ତିନି ଦିନରେ ଜିଲ୍ଲାରେ ୯୮୪.୭ ମିମି ବର୍ଷା ହୋଇଛି। ଫଳରେ ଚାଷ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ପ୍ରତି ବର୍ଷ ପରି ଜୁନ୍ ମାସ ଶେଷ ବେଳକୁ ଜିଲ୍ଲାରେ ଜୋଦାର୍ଦ୍ଧ ବର୍ଷା ହୋଇଛି। ଜିଲ୍ଲାରେ ମୋଟ୍ ୧,୩୧, ୧୩୪ ହେକ୍ଟର ଜମିରେ ଚାଷ କରାଯାଏ। ସେଥିମଧ୍ୟରୁ ଖରିଫ ଋତୁରେ ୯୭,୫୩୩ ହେକ୍ଟର ଚାଷ ଜମିରେ ଧାନ, ବାକି ଜମି ଗୁଡ଼ିକରେ ଅଣଧାନ ଯେମିତିକି ମାଣ୍ଡିଆ ଓ ଅନ୍ୟାନ୍ୟ ଚାଷ କରାଯାଏ। ସେଥିମଧ୍ୟରୁ ୪୦% ପ୍ରତିଶତ ଜମିରେ ଚାଷୀମାନେ ବିହନ ବୁଣି ଧାନ ଚାଷ କରାଯାଏ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୪୯୪୪.୯ କ୍ୱିଣ୍ଟାଲ୍ ଧାନ ବିହନ ଓ ୧୦୯ କ୍ୱିଣ୍ଟାଲ୍ ଧନିଚା ବିହନ ବିକ୍ରି ହୋଇସାରିଥିବା ଜଣାପଡ଼ିଛି। ୧୩୨ଟି ସମବାୟ ସମିତି ଓ ୭୫ ଜଣ ବେସରକାରୀ ଡିଲର୍ଙ୍କ ଜରିଆରେ ଖରିଫ୍ ଋତୁରେ ବିହନ ବିକ୍ରି କରାଯାଉଛି। ମାତ୍ର ବର୍ତ୍ତମାନ ସୁଦ୍ଧା ମାତ୍ର ୮୪ଟି ସମବାୟ ସମିତି ଓ ୨୬ ଜଣ ଘରୋଇ ଡିଲର୍ କୃଷି ବିଭାଗ ନିକଟରୁ ବିହନ କିଣିଛନ୍ତି। ବର୍ତ୍ତମାନ ସୁଦ୍ଧା ସମିତି ଜରିଆରେ ୨୫୯୬.୯ କ୍ୱିଣ୍ଟାଲ୍ ଓ ୨୪ ଜଣ ଘରୋଇ ଡିଲରଙ୍କ ଜରିଆରେ ୨୩୪୮ କ୍ୱିଣ୍ଟାଲ୍ ଧାନ ବିହନ ବିକ୍ରି ହୋଇଥିବା ଜଣାପଡ଼ିଛି। ନୟାଗଡ଼ରେ ଚାଷୀମାନେ ୬୪୧.୬ କ୍ୱିଣ୍ଟାଲ୍ ଧାନ ଓ ୧୧ କ୍ୱିଣ୍ଟାଲ୍ ଧନିଚା ବିହନ ବିକ୍ରି ହୋଇଛି ।ସେହିପରି ଓଡ଼ଗାଁରେ ୧୭୪୩ କ୍ୱିଣ୍ଟାଲ୍ ଧାନ ଓ ୨୧ କ୍ୱିଣ୍ଟାଲ୍ ଧନିଚା, ରଣପୁର ରେ ୫୬୪.୯ କ୍ୱିଣ୍ଟାଲ୍ ଧାନ ଓ ୩୭ କ୍ୱିଣ୍ଟାଲ୍ ଧନିଚା, ଖଣ୍ଡପଡ଼ାରେ ୨୦୮ କ୍ୱିଣ୍ଟାଲ୍ ଧାନ, ଭାପୁରରେ ୪୬୧ କ୍ୱିଣ୍ଟାଲ୍ ଧାନ ଓ ୩ କ୍ୱିଣ୍ଟାଲ୍ ଧନିଚା, ଦଶପଲ୍ଲାରେ ୧୪୨୪ କ୍ୱିଣ୍ଟାଲ୍ ଧାନ ଓ ୨୬ କ୍ୱିଣ୍ଟାଲ୍ ଧନିଚା, ନୂଆଗାଁରେ କେବଳ ୮୦୫ କ୍ୱିଣ୍ଟାଲ୍ ଧାନ ଓ ୧୧ କ୍ୱିଣ୍ଟାଲ୍ ଧନିଚା ବିହନ ଓ ଗଣିଆରେ ରେ କେବଳ ୯୭ କ୍ୱିଣ୍ଟାଲ୍ ଧାନ ବିହନ ବିକ୍ରି ହୋଇଛି। ଜୁଲାଇ ୧୫ ପର୍ଯ୍ୟନ୍ତ ଏହି ବିହନ ବିକ୍ରି ପ୍ରକ୍ରିୟା ଚାଲୁ ରହିବ ବୋଲି ଜଣାପଡ଼ିଛି। ଏଣୁ ଚାଷ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ବାତାବରଣ ବରଣ ଯୋଗୁ ଚାଷୀମାନେ ଏବେ ବେଶ୍ ତତ୍ପର ହୋଇ ଉଠିଛନ୍ତି।

# ରେଙ୍ଗାଲିରେ ମାଳ ମାଳ କମ୍ପାନୀ ହେଲେ ବିକାଶ ନାହିଁ କି ନିଯୁକ୍ତି ନାହିଁ

**ସମ୍ବଲପୁର,(ମହାଭାରତ) :** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଏବେ ଶିଳ୍ପନଗରି, ମାଳ ମାଳ କଳକାରଖାନା ଭରୀ ରହିଛି ରେଙ୍ଗାଲିରେ ପେଟ ପାଟଣା ପାଇଁ ଧାଇଁ ଆସୁଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରର ଲୋକେ ଅଥଚ ନିଜ ଅଞ୍ଚଳ ରେଙ୍ଗାଲି ର ଶିକ୍ଷିତ ଯୁବକ ଯୁବତୀ ଏବେ କମ୍ପାନୀ ରେ କାର୍ଯ୍ୟ କରିବା ପାଇଁ ହନ୍ତସନ୍ତ ହେଉଛନ୍ତି । ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ ଅଗ୍ରାଧିକାର ନ ଦେଇ କମ୍ପାନୀ ବାହାର ରାଜ୍ୟ ଠୁ ଯୁବକଙ୍କୁ ଆଣି ନିଯୁକ୍ତି ଦେଉଛି । ବଡ଼ ବଡ଼ କମ୍ପାନୀ ମାନେ ମନମାନି କରୁଥିବା ଏବେ ଅଭିଯୋଗ ହେଉଛି । ନିଜ ଅଂଚଳ ର ଜନସାଧାରଣ ଜମି ଦେଲେ ଭିଟାମାଟି ଦେଲେ ବାସହରା ହେଲେ କମ୍ପାନୀ ର ଧୂଆଁ ଖାଇ କିଡିନି, ଷ୍ଟୋନ ଭଳି ଅନ୍ୟନ୍ୟ ମାରାତ୍ମକ ରୋଗ ରେ ଛନ୍ଦୀ ହୋଇ ଜୀବନ ହାରୁଛନ୍ତି ତଥାପି ରେଙ୍ଗାଲି ଅଂଚଳରେ ଗଢି ଉଠିଥିବା କମ୍ପାନୀ ମାନେ ମନମାନି କରି ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦେଉ ନାହାନ୍ତି । ମା ବାପା ମାନେ ନିଜ ଛୁଆ ଚାକିରୀ କରିବା ପାଇଁ କେତେ ଜେ ପରିଶ୍ରମ କରି ବଡ଼ ମଣିଷ ଟିଏ କରିବେ ଏପରିକି ଧାର କରଜ କରି ଜମି ବିକ୍ରି କରି ପାଠ ପଢାଇଛନ୍ତି ହେଲେ କମ୍ପାନୀ କତୃପକ୍ଷ ସବୁ ଜାଣି ଶୁଣି ସ୍ଥାନୀୟ ଅଂଚଳରେ ନିଯୁକ୍ତି ମେଳା କରୁନି କି ନିଯୁକ୍ତି ମଧ ଦେଉନି ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ । କେବଳ ସେତିକି ନୁହେଁ ରେଙ୍ଗାଲି ଜନସାଧାରଣ ଭାବିଥିଲେ କମ୍ପାନୀ ହେଲେ ରେଙ୍ଗାଲି ର ବିକାଶ ହେବ ସୁନାର ରେଙ୍ଗାଲି ହେବ ବୋଲି । ହେଲେ ରେଙ୍ଗାଲି ବାସୀଙ୍କୁ ସବୁବେଳେ କମ୍ପାନୀ କତୃପକ୍ଷ ଅଣଦେଖା କରୁଛନ୍ତି । ଆଜିବି ଅବହେଳିତ ଅବସ୍ଥା ରେ ରେଙ୍ଗାଲି ଅଂଚଳ ପଡି ରହିଛି । ନାଁ ଡାକ୍ତର ଖାନା କୁ କ୍ଷମରୁ ମକ୍ଷମ କରାଗଲା ନାଁ ଭଲ ପାଣି ଲୋକେ ପାଇ ପାରିଲେ ନାଁ ଭଲ ଶିକ୍ଷାନୁଷ୍ଠାନ ଟିଏ ପାଇ ପାରିଲେ ନାଁ ଭଲ ବସଷ୍ଟାଣ୍ଡଟେ କଣ ପାଇଁ ଏତେ ଅବହେଳିତ ରେଙ୍ଗାଲି ଅଂଚଳ ତାକୁ ନେଇ ଏବେ ବଡ଼ ପ୍ରଶ୍ନ ? ଭରପୁର କଳକାରଖାନା ଅଥଚ ରେଙ୍ଗାଲି ଅଂଚଳରେ ଉନ୍ନତି ମୂଳକ କାର୍ଯ୍ୟ ନ କରି ବାହାର ଜିଲ୍ଲାରେ କମ୍ପାନୀର ବିକାଶ କରୁଛି କମ୍ପାନୀର ଏ ବିଚିତ୍ର ନୀତି କୁ ରେଙ୍ଗାଲି ଅଂଚଳ ବାସି ଦେଖି ଅତିଷ୍ଠ ହେଲେଣି। ଆଉ ପ୍ରଶାସନ ପାଖରେ ବାରମ୍ବାର ଗୁହାରୀ କଲେ ମଧ ପ୍ରଶାସନ ସବୁଜାଣି ଶୁଣି ନିରବ ରହିବା ଏବେ ଲୋକଙ୍କ ଚିନ୍ତା ବଢ଼ାଇଲାଣି ରେଙ୍ଗାଲି ଅଂଚଳ ବାସୀଙ୍କୁ । ଦେଖିବାର କଥା ଆଗକୁ କମ୍ପାନୀ ତତ୍ପର ହେଉଛି ରେଙ୍ଗାଲି ବାସୀଙ୍କ ପାଇଁ ନା ଆଖି ବନ୍ଦ କରି ଚୁପଚାପ ଶୋଇ ପଡୁଛି ତାକୁ ହିଁ ଅପେକ୍ଷା ।

# ନୂଆ ରାସ୍ତା ଯୋଗୁଁ ଉଜୁଡିଯିବ ଏକର ଏକର ଧାନ ଫସଲ

## କଲଭର୍ଟ ଦାବିରେ ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ

**ଖୋର୍ଦ୍ଧା,(ମହାଭାରତ) :** ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଖୋର୍ଦ୍ଧା ସହରରେ ଯାତାୟତ ସୁବିଧା ପାଇଁ ନୂଆ ବାଇପାସ ରାସ୍ତା ନିର୍ମାଣ ଚାଲିଛି । ଏବଂ ଏହି ବାଇପାସ ରାସ୍ତା ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତର କୁମାରବସ୍ତ ଓ ଖୋର୍ଦ୍ଧା ପୌର ପରିଷଦ ଅଧିନ ମକୁନ୍ଦପ୍ରସାଦ ଗ୍ରାମର କିଛି ଚାଷ ଜମି ମଧ ଦେଇ ଯାଉଅଛି ।ତେବେ ଉକ୍ତ ରାସ୍ତା ଉଭୟ ମୌଜାର ଚାଷ ଜମି ମଝିରେ ଯାଉଥିବାରୁ ରାସ୍ତା ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନରେ କଲଭର୍ଟ ନିର୍ମାଣ ହୋଇ ନ ଥିବା କାରଣରୁ ଚଳିତବର୍ଷ ଏତେ ବର୍ଷା ସତ୍ତ୍ୱେ ଚାଷୀଙ୍କ ଚାଷଜମିକୁ ପାଣି ଆସି ପାରୁନାହିଁ। ଯାହାଦ୍ୱାରା ପ୍ରାୟ ୪୦୦ ଏକରରୁ ଉର୍ଦ୍ଧ ଜମି ବିନା ପାଣିରେ ଶୁଖିଲା ପଡିବ ବୋଲି ଜଣା ପଡିଛି । ରାସ୍ତାର ଗୋଟିଏ ପଟେ ଅପର୍ଯ୍ୟାପ୍ତ ପାଣି ଭାସୁଥିବା ବେଳେ ଅନ୍ୟ ପାର୍ଶ୍ୱରେ ପାଣି ବିନା ଚାଷୀ ହନ୍ତସନ୍ତ ହେବା ଆରମ୍ଭ କଲେଣି।ଏହି ସମସ୍ୟାର ସମାଧାନ ପାଇଁ ଉଭୟ ଗ୍ରାମର ଗ୍ରାମବାସୀ ସ୍ଥାନୀୟ ଲୋକ ବିଧାୟକ,ସାଂସଦ, ଏବଂ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଗତ ଏପ୍ରିଲ ୨ ତାରିଖ ୨୦୨୪ ମସିହାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଦୀର୍ଘ ୩ ମାସ ହେବ ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ ।ଫଳରେ ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ବର୍ତ୍ତମାନ ଜମିରେ ପାଣି ନ ଥିବାରୁ ଚାଷ କାର୍ଯ୍ୟ ଏକ ପ୍ରକାର ଠପ ହୋଇ ଯାଇଛି । ତେଣୁ ଆଜି ଉଭୟ ମୌଜାର ପ୍ରାୟ ଏକଶହରୁ ଉର୍ଦ୍ଧ ଚାଷୀ ଏକାଠି ହୋଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ନୂତନ କଲଭର୍ଟ କରିବାକୁ ଦାବି କରିଛନ୍ତି। ଜିଲ୍ଲାପାଳ ଚଞ୍ଚଳ ରାଣା ଚାଷୀଙ୍କ ଦରଖାସ୍ତକୁ ଗ୍ରହଣ ସହିତ ବିଭାଗୀୟ ଜାତୀୟ ରାଜପଥ ଅଧିକାରୀଙ୍କୁ ଡାକି ଏହି ଘଟଣାର ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀଯୁକ୍ତ ପ୍ରତାପ କିଶୋର ଛୋଟରାୟ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ



**ଖୋର୍ଦ୍ଧା,(ମହାଭାରତ) :** ସ୍ଥାନୀୟ କାଇପଦର ଗ୍ରାମରେ ସ୍ଥାପିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଶ୍ରୀଯୁକ୍ତ ତରୁଣକାନ୍ତି ରୟଙ୍କ ଅବସର ଗ୍ରହଣ ପରେ ତାଙ୍କ ସ୍ଥାନରେ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଉକ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ ଓଡ଼ିଆ ଅଧାପକ ଓ ଉପାଧ୍ୟକ୍ଷ ତଥା କାଇପଦର ଗ୍ରାମରେ ଜନ୍ମିତ ଶ୍ରୀଯୁକ୍ତ ପ୍ରତାପ କିଶୋର ଛୋଟରାୟ । ମହା ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଅବସର ଗ୍ରହଣ ସମାରୋହ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ତରୁଣକାନ୍ତି ରାୟଙ୍କ ସମେତ ମହା ବିଦ୍ୟାଳୟର ସାଇକୋଲୋଜି ଲ୍ୟାବର ଆଟେଡାଣ୍ଡ ଭାବେ କାର୍ଯ୍ୟରତ କର୍ମଚାରୀ ଧନୁର୍ଦ୍ଧର ଶ୍ରୀଚନ୍ଦନ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିମେଇ ଚରଣ ବାରିକଙ୍କୁ ମଧ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସର କାର୍ଯ୍ୟକ୍ରମ ସମୟରେ ଉପସ୍ଥିତ ଥିଲେ ପୂର୍ବତନ ଅଧ୍ୟକ୍ଷ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର ତଥା ପୂର୍ବତନ ବିଧାୟକ ଶ୍ରୀ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ, ଇଂରାଜୀ ଅଧାପିକା ଅନୁପମା ଚମ୍ପତିରାୟ, ମଧୁସୁଦନ ପାଇକରାୟ, ଇତିହାସ ଅଧାପକ ଡ଼ଃ ଜନ୍ମେଜୟ ଚୈଧୁରୀ, ଅଧାପକ ମାନସ କୁମାର ଜୟସିଂହ, ଅଧାପିକା ଅନିତା ପଣ୍ଡା, ଅଧାପକ ଭୁବନେଶ୍ୱର ନାୟକ, ଅଧାପିକା ସବିତା ବେହେରା ଓ ଅନ୍ୟାନ୍ୟ ଅଧାପକ, ଅଧାପିକା ଏବଂ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପ ଉପସ୍ଥିତ ଥିଲେ।

# ପୁଣି ଆରମ୍ଭ ହେଲା ଜିଲ୍ଲାପାଳଙ୍କ ଜନଶୁଣାଣି



**ନୟାଗଡ଼,(ମହାଭାରତ) :** ବିଧିବଧ ଭାବେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାଧାରଣ ଜନତାଙ୍କ ଅଭିଯୋଗ ଶୁଣାଣି ଶିବିର ଆରମ୍ଭ ହୋଇଛି । ଏଥିପାଇଁ ନୟାଗଡ଼ ଜିଲ୍ଲାପାଳଙ୍କ ସଭା ଗୃହରେ ଜିଲ୍ଲାପାଳ ସ୍ୱଧା ଦେବ ସିଂ ଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଶିବିର ଆୟୋଜନ ହୋଇଥିଲା । ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଏହି ଅଭିଯୋଗ ଶୁଣାଣୀ ଶିବିରରେ ଉପସ୍ଥିତ ରହିଥିଲେ। ବିଭିନ୍ନ ଅଭିଯୋଗ ନେଇ ଆସିଥିବା ଲୋକଙ୍କ ସମସ୍ୟା ଶୁଣିଥିଲେ ଜିଲ୍ଲାପାଳ ସ୍ୱଧା ଦେବ ସିଂ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ନୟାଗଡ଼ ଏସ୍ପି ରାହୁଲ୍ ଜୈନ୍। କିଛି ଅଭିଯୋଗ ଉପରେ ସାଙ୍ଗେ ସାଙ୍ଗେ ସେହିଠାରେ ହିଁ ସମାଧାନ ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକର ତଦନ୍ତ କରି ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାସ ରୁ ଉର୍ଦ୍ଧ ସମୟ ଧରି ସାଧାରଣ ନିର୍ବାଚନ ପାଇଁ ବନ୍ଦ ରହିଥିଲା ସାଧାରଣ ଅଭିଯୋଗ ଶୁଣାଣୀ ଶିବିର । ଲୋକଙ୍କ ପାଖରେ ଜିଲ୍ଲା ପ୍ରଶାସନ ପହଞ୍ଚିବା ପାଇଁ ପ୍ରତି ସପ୍ତାହର ସୋମବାର ଦିନ କାର୍ଯ୍ୟକ୍ରମ ପ୍ରତି ବ୍ଲକ ଅଞ୍ଚଳରେ ପୂର୍ବ ଭଳି ସାଧାରଣ ଲୋକ ଙ୍କ ଅଭିଯୋଗ ଶୁଣାଣି ଆରମ୍ଭ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ଅଭିଯୋଗ ଶୁଣାଣି ଶିବିରରେ ଅନୁପସ୍ଥିତ ଥିବା ଅଧିକାରୀଙ୍କୁ କାରଣ ଦଶାଅ ନୋଟିସ୍ ପଠାଇଥିବା ଜିଲ୍ଲାପାଳ ଗଣମାଧମ କୁ ସୂଚନା ଦେଇଛନ୍ତି।

# ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ନେଇ ଖୋର୍ଦ୍ଧା ପୋଲିସର ଆଲୋଚନା ଚକ୍ର

**ଖୋର୍ଦ୍ଧା(ମହାଭାରତ):** ନୂତନ ଭାରତୀୟ ଆଇନକୁ ନେଇ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଉଭୟ ଲୋକସଭା ଓ ରାଜ୍ୟସଭାରେ ନୂତନ ଆଇନ ପାରିତ ହେବାପରେ ସଂଶୋଧିତ ଆଇନରେ ଆସିଛି ଆଧୁନିକ ନ୍ୟାୟ ବ୍ୟବସ୍ଥା । ଯେଉଁଥିରେ ଜିରୋ ଏଫଆଇଆର, ପୋଲିସ ଅଭିଯୋଗର ଅନଲାଇନ ପଞ୍ଜୀକରଣ, ଏସ.ଏମ.ଏସ ମାଧ୍ୟମରେ ସମନ ଏବଂ ସମସ୍ତ ଜଘନ୍ୟ ଅପରାଧ ପାଇଁ ଅପରାଧ ଦୃଶ୍ୟର ବାଧ୍ୟତାମୂଳକ ଭିଡିଓଗ୍ରାଫି ଭଳି ବ୍ୟବସ୍ଥାକୁ କରାଯାଇଛି ଅନ୍ତର୍ଭୁକ୍ତ । ଆଜି ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଅଛି। ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଆଇନ ବ୍ୟବସ୍ଥାର ଉପକାରିତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ସହ ଏହାକୁ କିପରି ସଠିକ୍ ଭାବେ ପ୍ରଣୟନ କରାଯିବ, ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରା ଯାଇଥିଲା ।



# ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା ନେଇ ଠାକୁରମୁଣ୍ଡା ଥାନାରେ ସଚେତନତା



**କରଞ୍ଜିଆ,(ମହାଭାରତ) :** ଜୁଲାଇ ମାସ ୧ ତାରିଖ ଠାରୁ ସାରା ଭାରତ ରେ କାର୍ଯ୍ୟକାରୀ ହୋଇଥିବା ନୂତନ ଅପରାଧିକ ଆଇନ ର କାର୍ଯ୍ୟକାରିତା ନେଇ ସୋମବାର ଦିନ ଠାକୁରମୁଣ୍ଡା ଥାନା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଥାନା ପରିସର ରେ ଅୟୋଜିତ ହୋଇ ଯାଇଛି ।ବ୍ରିଟିଶ ଅମଳ ରୁ କାର୍ଯ୍ୟକାରୀ ହୋଇ ଅସୁଥିବା ଆଇପିସି ଓ ସିଆରପିସି ଓ ଭାରତୀୟ ସାକ୍ଷ୍ୟ ଆଇନ ର ପରିବର୍ତ୍ତନ କରାଯାଇ ଏବେ ସାରା ଦେଶ ରେ ଭାରତୀୟ ନ୍ୟାୟ ସଂହିତା, ଭରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବ ।କାର୍ଯ୍ୟକାରୀ ହୋଇଥିବା ଏହି ନୂତନ ଆଇନ ର ଧାରା ଗୁଡିକ ସମ୍ପର୍କରେ ଥାନା ପୋଲିସ ପକ୍ଷରୁ ସଚେତନ କରାଯାଇଥିଲା ।ଠାକୁରମୁଣ୍ଡା ଥାନା ପୋଲିସ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ରେ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ,ଏସଆଇ ଅନିତା ସ୍ୱାଇଁ,ଆଇନଜିବୀ ଅଜୟ ଦାସ ପ୍ରମୁଖ ଉପସ୍ଥିତ ରହି ବ୍ରିଟିଶ ସମୟରୁ ପ୍ରଚଳିତ ଆଇପିସି ଓ ସିଆରପିସି ର ପରିବର୍ତ୍ତନ ହୋଇ ବିଏନେସ ର ନୂତନ ଧାରା ଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ ।ନୂତନ ଧାରା ଅବଗତ ହେବାକୁ ସ୍ଥାନୀୟ ଜନସାଧାରଣ ସଚେତନତା କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।

# ପାଟଣା ସାହାରପଡା ବନପାଳ କାର୍ଯ୍ୟଳୟରେ ଚାର ବଣ୍ଟନ




**କେନ୍ଦୁଝର, (ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଦୁଇ ଟି ବନପାଳ କାର୍ଯ୍ୟଳୟ ରେ ବିଭିନ୍ନ ଚାରା ବଣ୍ଟନ କରାଯାଇ ଛି । ପାଟଣା ଓ ସାହାରପଡା ବନପାଳ କାର୍ଯ୍ୟଳୟ ପକ୍ଷ ରୁ ଚାରା ବଣ୍ଟନ କରାଯାଇ ଛି । ଏହି ଚାରା ବଣ୍ଟନ କେନ୍ଦ୍ର କେନ୍ଦ୍ର କୁ ମୁଖ୍ୟ ଅତିଥି ଭାବେ ପାଟଣା ବିଡ଼ିଓ ଶିବଶଙ୍କର ମୁର୍ମୁ ଉଦଘାଟିତ କରିଥିଲେ । ଏହି ଉଦଘାଟନୀ ରେ କେନ୍ଦୁଝର ଏ.ସି.ଏଫ. ଜିତେନ୍ଦ୍ର କୁମାର ବେହେରା, ପାଟଣା ବନପାଳ ଅଧିକାରୀ ପିଅନ ନାଏକ,ପାରା ବନକର୍ମଚାରି ତ୍ରିଲୋଚନ ମହାନ୍ତ, ପବିତ୍ର ମହାନ୍ତ,ଡି.ଓ ସୌମ୍ୟରଞ୍ଜନ ସାହୁ,ଟ ତରନୀସେନ୍ ପାତ୍ର ଉପସ୍ଥିତ ଥିଲେ । ସେହି ପରି ସାହାରପଡା ବନପାଳ କାର୍ଯ୍ୟଳୟ ପକ୍ଷ ରୁ ଚାରା ବଣ୍ଟନ କରାଯାଇଛି । ମୁଖ୍ୟ ଅତିଥି ଭାବେ ସାହାରପଡା ତହସିଲଦାର ପରମାନନ୍ଦ ଖଣ୍ଡେଇ ଯୋଗଦାନ କରି ଉଦଘାଟନ କରିଛନ୍ତି । ଏହି ଚାରା ବଣ୍ଟନ ରେ ବିଡ଼ିଓ ବିଜୟ ମାଧବ ଚନ୍ଦ୍ର ବିରୁଆ,ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦାର,ବନପାଳ ଅଧିକାରୀ ଭୂପତି ସେଠୀ,ବନପାଳ କର୍ମଚାରୀ ରଞ୍ଜିତା ମହାନ୍ତ, ଦୀପକ କୁମାର ରଣା, ପ୍ରଗତି ରାଉତ ଉପସ୍ଥିତ ଥିଲେ । ଏହି ଚାରା ବଣ୍ଟନ କେନ୍ଦ୍ର ଲୋକ ମାନ ଙ୍କୁ ସୁଲଭ ମୂଲ୍ୟ ମାତ୍ର ୧ଟଙ୍କା ରେ ପ୍ରମାଣ ପତ୍ର ଆଧାର କାର୍ଡ ରେ ଆମ୍ବ,ବଉଳ,ଅଁଳା,କାଜୁ,ପିଜୁଳି,ଅମୃତ ଭଣ୍ଡା,ସୁଜୁନା,ସାଗୁଆନ,ଡାଳିମ୍ବ ଚାରା ଯୋଗାଇ ଦିଆଯାଉ ଥିବା ବନାଞ୍ଚଳ ଅଧିକାରୀଙ୍କ ସୂଚନା ରହିଛି ।

# ନୂଆ ଅପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ

**ବିଷମ କଟକ,(ମହାଭାରତ) :** ରାୟଗଡ଼ା ଜିଲା ବିଷମ କଟକ ଥାନା ପରିସରରେ ନୂଆ ଅପରାଧିକ ଆଇନ ନେଇ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଏହି ୩ଟି ନୂଆ ଅପରାଧିକ ଆଇନ ସୋମବାର ଠାରୁ ସମଗ୍ର ଦେଶରେ ଲାଗୁ ହୋଇଥିବା ଆଲୋଚନା କରାଯାଇଥିଲା। ଏହି ଆଇନଗୁଡ଼ିକ ଯଥାକ୍ରମେ ଭାରତୀୟ ପିଙ୍ଗଳ କୋଡ଼(ଆଇପିସି), କୋଡ଼ ଅଫ କ୍ରିମିନାଲ ପ୍ରୋସିଜର(ସିସିପି) ଏବଂ ଭାରତୀୟ ପ୍ରମାଣ ଆଇନର ସ୍ଥାନ ନେବ । ନୂଆ ଆଇନରେ ଏକ ଆଧୁନିକ ନ୍ୟାୟ ବ୍ୟବସ୍ଥା ଅଣାଯିବ, ଯେଉଁଥିରେ ଜିରୋ ଏଫଆଇଆର, ପୁଲିସ ଅଭିଯୋଗର ଅନଲାଇନ ପଞ୍ଜିକରଣ, ସମସ୍ତ ଜଘନ୍ୟ ଅପରାଧ ପାଇଁ ଅପରାଧିକ ଦୃଶ୍ୟର ବାଧ୍ୟତାମୂଳକ ଭିଡିଓଗ୍ରାଫି ଭଳି ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ ବୋଲି ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ଉପସ୍ଥିତ ସରପଞ୍ଚ ,ସମିତିସଭ୍ୟ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ଜନସାଧାରଣଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ।

# ଓଡିଶା ରାଜ୍ୟ କିକ୍ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ

**କଟଣୀ,(ମହାଭାରତ) :** ପୂର୍ବତଟ ରେଳବାଇ ସ୍ପୋର୍ଟ୍ସ କଂପ୍ଲେକ୍ସ ପରିସରରେ ଓ୍ୱାକୋ ଓଡିଶା ରାଜ୍ୟ ପଦାଘାତ ପ୍ରତିଯୋଗିତା ଖୋର୍ଦ୍ଧା ଜିଲ୍ଲା ପଦାଘାତ (କିକ ବକ୍ସିଂ ) ଆସୋସିଏସନ ଦ୍ୱାରା ଆୟୋଜନ କରାଯାଇଅଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୩୦୦ ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ପାଣ୍ଡୁ ଜେନା ଫାଉଣ୍ଡେସନର ଅଧକ୍ଷ ସନ୍ତୋଷ କୁମାର ଜେନା, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଓଡିଶା କିକ ବକ୍ସିଂ ସଂଘର କାର୍ଯ୍ୟକାରୀ ସଭାପତି ବିଭୁତି ଭୂଷଣ ବେହେରା, ସଂଗଠନ ସଚିବ ପୁରସ୍ତମ ମୁଦୁଲି ଏବଂ ଉପେନ୍ଦ୍ରନାଥ ଦାସ ଖୋର୍ଦ୍ଧା ସମ୍ପାଦକ ପ୍ରଦୀପ ଖେଳକୁ କରିଥିଲେ ଜିଲ୍ଲା ସ୍ପୋର୍ଟ୍ସ ଉପସ୍ଥିତ ରହି ପ୍ରଜ୍ୱଳନ କରି ଉଦଘାଟନ । ଏହି ଉଦଘାଟନ ଅବସର ଉତ୍ସବରେ



ପ୍ରାପ୍ତ ସୈନିକ କପିଳେନ୍ଦ୍ର ଦାସ, ଖୋର୍ଦ୍ଧା ଜିଲ୍ଲା କ୍ରୀଡା ସମ୍ପାଦକ ଉପେନ୍ଦ୍ରନାଥ ଦାସ ଏବଂ ଅଲ୍ଲେଖି ଚନ୍ଦ୍ର ବଳିୟାରସିଂହଙ୍କୁ କ୍ରୀଡା ଗୁରୁ ସମ୍ମାନ ରୂପେ ସମ୍ମାନିତ କରାଯାଇଥିଲା । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୦୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତ୍ୟକ ଶିଶୁ ମାନଙ୍କ ମଧରେ ଖେଳପ୍ରତି ଆଗ୍ରହ ଏବଂ ନିଜେ ନିଜକୁ କିପରି ଅନ୍ୟମାନଙ୍କ ଠାରୁ ଆତ୍ମ ସୁରକ୍ଷା ଦେଇପାରିବା ସଙ୍ଗେ ସଙ୍ଗେ ନିଜକୁ ଶତ୍ରୁ ମାନଙ୍କ ଠାରୁ ନିଜକୁ ସୁରକ୍ଷା ରଖି ପାରିବେ ଏହି ଖେଳର ମୁଖ୍ୟ ଉଦ୍ଦେଶ୍ୟ ବୋଲି କ୍ରୀଡା ସମ୍ପାଦକ ପୁରସ୍ତମ ମୁଦୁଲି ପ୍ରକାଶ କରିଥିଲେ ଓଖେଳ ଶେଷରେ ଖେଳରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଏବଂ କାଂସ୍ୟ ପଦକ ପ୍ରଦାନ କରାଯାଇଥିଲା । ଖେଳ ସମ୍ପାଦକ ପୁରସ୍ତମ ମୁଦୁଲି ଏବଂ କେଦାର ବରାଳ ଉଭୟଙ୍କ ପ୍ରଚେଷ୍ଟାରେ ଏହି ଖେଳ ଅତି ସୁନ୍ଦର ପରିଚାଳନା ଏବଂ ସୁରୁଖୁରୁରେ ଶେଷ ହୋଇଥିଲା ।

# କୁଜଙ୍ଗ ଅଞ୍ଚଳ ଗଣ୍ଡକିପୁରର କାବଲପୁର ଠାରେ ଜଘନ୍ୟ ହତ୍ୟାକାଣ୍ଡ

**ପାରାଦୀପ,(ମହାଭାରତ) :** ଆଜି ଅପରାହ୍ନ ସମୟରେ କୁଜଙ୍ଗ ବ୍ଲକ ଅଧିନସ୍ଥ ଗଣ୍ଡକିପୁର ପଞ୍ଚାୟତ କାବୁଲପୁର ଗ୍ରାମର ଦୀନବନ୍ଧୁ ମାଝୀ ଗାଁ ଦାଣ୍ଡରେ ଠିଆ ହୋଇ ମୋବାଇଲରେ କଥା ହେଉଥିବା ସମୟରେ ସେହି ଗ୍ରାମର ତପନ ସାମଲ ହଠାତ ଏକ ଧାରୁଆ ଅସ୍ତ୍ରରେ ଦୀନବନ୍ଧୁଙ୍କୁ ପଛପଟୁ ଆକ୍ରମଣ କରିଥିଲା । ଯାହା ଫଳରେ ଘଟଣାସ୍ଥଳରେ ଦୀନବନ୍ଧୁ ତଳେ ପଡିଯାଇଥିଲେ । ଘଟଣା କୁ ଦେଖି ସାହିପଡିସା ଓ ଗ୍ରାମବାସୀ ଦୀନବନ୍ଧୁଙ୍କୁ କୁଜଙ୍ଗ ମେଡିକାଲ କୁ ଆଣିଥିଲେ ମଧ ଡାକ୍ତର ଦୀନବନ୍ଧୁଙ୍କୁ ମୃତ ଘୋଷଣା କରିବା ପରେ କୁଜଙ୍ଗ ମେଡିକାଲ ପରିସରରେ ଉତ୍ତେଜନା ପରିସ୍ଥିତି ଲାଗିରହିଛି । ଖବର ପାଇବା ପରେ କୁଜଙ୍ଗ ପୋଲିସ ଅଭିଯୁକ୍ତ ତପନ ସାମଲ କୁ ଅଟକ ରଖି ତଦନ୍ତ ଚଳାଉଅଛି । ଏଭଳି ଦୁଃଖଦ ଖବର ପାଇବା ପରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କୁଜଙ୍ଗ ମେଡିକାଲ ରେ ପହଞ୍ଚିବା ସହିତ ଶୋକସନ୍ତପ୍ତ ପରିବାର କୁ ସମବେଦନା ଜଣାଇବା ସହିତ ଅଟକ ରହିଥିବା ଅଭିଯୁକ୍ତ ତପନ ସାମଲ କୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାକୁ ପୋଲିସ ପ୍ରଶାସନ କୁ ନିର୍ଦ୍ଦେଶ ଦେଇଛନ୍ତି ।



# ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ୭୫ତମ ବନ ମହୋତ୍ସବ



**ଆସିକା,(ମହାଭାରତ) :** ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ଏବଂ ୟୁଥ୍ ରେଡକ୍ରସ, ଜାତୀୟ ସେବା ଯୋଜନା ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନିର ମିଳିତ ତତ୍ତ୍ୱାବଧାନରେ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୃକ୍ଷ ରୋପଣ ସହ ଏକ ସଂକ୍ଷିପ୍ତ ପାଠଚକ୍ର ସେମିନାର ହଲ୍ ଠାରେ ଆୟୋଜିତ ହୋଇଥିଲା। ଦକ୍ଷିଣ ବନଖଣ୍ଡ, ଘୁମୁସର, ଭଂଜନଗରର ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଆସିକା ବନାଞ୍ଚଳର ବନ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମେଜର ଡ. ଶଂକର ପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଡ. ଅଜିତ୍ କୁମାର ମୁନୀ ଅତିଥିଙ୍କୁ ମଞ୍ଚାସୀନ କରିଥିଲେ। ପାଠଚକ୍ରରେ ଡେମୋଷ୍ଟ୍ରେଟର ଧନଞ୍ଜୟ ମହାପାତ୍ର ବେଦ ପାଠ ପରିବେଷଣ କରିଥିଲେ। ଅଧକ୍ଷ ଡ. ତ୍ରିପାଠୀ ନିଜର ସ୍ୱାଗତ ଭାଷଣରେ ୧୯୫୦ ମସିହାରେ ଭୂତପୂର୍ବ କେନ୍ଦ୍ର କୃଷି ମନ୍ତ୍ରୀ ଡ. କେ.ଏମ୍ ମୁନ୍ସୀଙ୍କ ବନମହୋତ୍ସବର ଅୟମାରମ୍ଭ, ଅତୁଳନୀୟ ଅବଦାନ ତଥା ପ୍ରାଥମିକ ପରିକଳ୍ପନାକୁ ସମସ୍ତଙ୍କୁ ସୂଚାୟୀ ଥିଲେ। ଭାରତର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦୀଙ୍କ ବନମହୋତ୍ସବର ନାରା 'ମାଁ ପାଇଁ ବୃକ୍ଷ ଟିଏ' ବୃକ୍ଷରୋପଣ ଦ୍ୱାରା ଚରିତାର୍ଥ କରିବା ପାଇଁ ଏବଂ ଆଜିର ବୃକ୍ଷ ରୋପଣ ଭବିଷ୍ୟତର ଜୀବନ ବୋଲି ସମସ୍ତଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମାନ୍ ଆଚାର୍ଯ୍ୟ ନିଜର ସଂକ୍ଷିପ୍ତ ବ୍ୟକ୍ତବ୍ୟରେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଉପଯୁକ୍ତ ଯତ୍ନ ନେବା ପାଇଁ ନିଜ ଉଦବୋଧନରେ କହିଥିଲେ। ସମ୍ମାନିତ ଅତିଥି ଶ୍ରୀମାନ୍ ପଣ୍ଡା ସୂର୍ଯ୍ୟଙ୍କ ଉତ୍ତପ୍ତ ଦାଉରୁ ବର୍ତ୍ତିବା ପାଇଁ ବୃକ୍ଷ ରୋପଣ ହିଁ ଏକମାତ୍ର ପଦକ୍ଷେପ ବୋଲି କହିଥିଲେ। ମଣିଷ ନିଜର ସୁବିଧା ସୁଲଭ କରିବା ପାଇଁ ବୃକ୍ଷଗୁଡିକୁ ଆଜି ନିଶ୍ଚିହ୍ନ କରିବା ପାଇଁ ବସିଛି। ବିଶ୍ୱ ଭୌଗଳିକ ତଥା ଜଳବାୟୁ ପରିବର୍ତ୍ତନରେ ଏବଂ ଓଜନ ସ୍ତରକୁ ନିୟନ୍ତ୍ରଣ କରିବାର ଏକମାତ୍ର ବିକଳ୍ପ ହେଉଛି ବୃକ୍ଷ ରୋପଣ ବୋଲି ସମସ୍ତଙ୍କୁ ସୂଚାୟୀ ଥିଲେ। ମହାବିଦ୍ୟାଳୟର ସମସ୍ତ ଶାଖାର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ପ୍ରାୟ ୧୫୦ ଗୋଟି ବୃକ୍ଷ ଚାରାକୁ କଲେଜ ପରିସର, କ୍ରୀଡାଙ୍ଗନା ତଥା ଛାତ୍ରବାସରେ ରୋପଣ କରିଥିଲେ। ଆସିକା ବନାଞ୍ଚଳର କର୍ମଚାରୀ, ମହାବିଦ୍ୟାଳୟର ସ୍କାଉଟ୍ ରୋଭର୍ସ ଅଧିକାରୀ ସରୋଜ କୁମାର ପଣ୍ଡା, ରେଡକ୍ରସ ଉପଦେଷ୍ଟା ରାଜେଶ୍ କୁମାର ସାହୁ, ଜାତୀୟ ସେବା ଯୋଜନାର ଯୋଜନା ଅଧିକାରୀ ପବିତ୍ର ଧଙ୍ଗଡାମାଝୀ, ରେଶମା ପାତ୍ର ପ୍ରାୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ରୂପାୟନ ହୋଇପାରିଥିଲା। ପରିଶେଷରେ ଡ. ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାଟେରୀ ଚାଳିତ ସ୍କୁଟି ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

**ଅନୁଗୋଳ,(ମହାଭାରତ) :** ନାଲକୋ ଥାନା ଅନ୍ତର୍ଗତ ବଳରାମ ପ୍ରସାଦ ଗ୍ରାମର ହିଙ୍ଗୁଳା ମନ୍ଦିର ନିକଟରେ ଆଜି ସନ୍ଧ୍ୟା ସମୟରେ ବ୍ୟାଟେରୀ ଚାଳିତ ସ୍କୁଟି ( ଓଡ଼ି ୩୫ ଜି ୭୩୫୩ ) ଧକ୍କାରେ ଯୁବକଙ୍କୁ ଶକ୍ତ ଆଘାତ ଲାଗିଥିବା ବେଳେ ଚାଳକ ଗୁରୁତର ହୋଇଥିବା ଜଣାପଡିଛି । ଦୁଇ ଗୁରୁତରଙ୍କୁ ନିକଟସ୍ଥ ଇଏସଆଇସି ହସ୍ପିଟାଲ ଅନୁଗୋଳକୁ ନିଆଯାଇଥିଲା । ବଡ଼ ଦୁଃଖ ଓ ପରିତାପର ବିଷୟ ଏହି ଯେ ଇଏସଆଇସି ହସ୍ପିଟାଲରେ ଜରୁରୀ କାଳୀନ ଚିକିତ୍ସାରେ ଅବହେଳା ଓ ଆବଶକୀୟ କର୍ମଚାରୀ ଓ ଡାକ୍ତର ଅଭାବ ଏବଂ ଚିକିତ୍ସା ପାଇଁ ଯନ୍ତ୍ରାଂଶ ଅଭାବ ଯୋଗୁଁ ଦୁଇ ଗୁରୁତର ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ବଳରାମ ପ୍ରସାଦର ସନ୍ଦିପ କୁମାର ସିଂହ ( ୪୧ ) ମୃତ୍ୟୁ ବରଣ କରିଥିବା ବେଳେ ସେହି ଗ୍ରାମର ସୁଜନ ସାହୁଙ୍କ ପୁଅ ସ୍କୁଟି ଚାଳକ ସଚିଦାନନ୍ଦ ସାହୁ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳୁଅଛି । ସୂଚନା ଅନୁଯାୟୀ ବଳରାମ ପ୍ରସାଦ ବଜାରରୁ ସନ୍ଦିପ ଘରକୁ ଫେରୁଥିବା ବେଳେ କେନ୍ଦୁଡିପ ଆଡୁ ଦୁଇ ଜଣ ଇଲେକ୍ଟ୍ରୋନିକ ସ୍କୁଟିରେ ଦୃତ ଗତିରେ ଆସି ହିଙ୍ଗୁଳା ମନ୍ଦିର ସମ୍ମୁଖରେ ଶକ୍ତ ଧକ୍କା ଦେଇଥିଲା । ଫଳରେ ସନ୍ଦୀପଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସେହିପରି ସ୍କୁଟି ଚାଳକ ସଚ୍ଚିଦାନନ୍ଦ ସାହୁ ମଧ ଗୁରୁତର ଆହତ ହୋଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ସ୍କୁଟିକୁ ଜବତ କରିଅଛି । ସୂଚନା ଥାଉ କି ଉକ୍ତ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଓ ଚୋରୀ ରାହାଜାନୀ ହେଉଥିବା ବେଳେ ସ୍ଥାନୀୟ ପୋଲିସ ଓ ଜିଲ୍ଲା ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁଁ ମୂଲ୍ୟବାନ ଜୀବନ ଯିବା ସହ ଧନ ହାନି ହେଉଅଛି । ଲୋକଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ରାସ୍ତାଟି ଏକ ପ୍ରମୁଖ ରାସ୍ତା ଅଟେ । ଏହି ରାସ୍ତାରେ ଦୈନନ୍ଦିନ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯିବାଆସିବା କରନ୍ତି । ଏହା ସହ ଏଫସିଆଇ କାରଖାନାକୁ ପ୍ରମୁଖ ରାସ୍ତା, ଇଏସଆଇସି ହସ୍ପିଟାଲ ରାସ୍ତା ଅଟେ । ଏହି ରାସ୍ତାରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ନଥିବା ବେଳେ, ରାସ୍ତାରେ ହମ୍ପସ୍ ନଥିବାରୁ ଦୃତ ଗତିରେ ଗାଡି ଚାଳନା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଅଛି । ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆଲୋକ ବ୍ୟବସ୍ଥା ସହ ରାସ୍ତାରେ ହମ୍ପସ୍, ସୁରକ୍ଷା ପାଇଁ ପେଟ୍ରୋଲିଙ୍ଗ କଡ଼ାକଡି କରାଯିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।



# ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେବାକୁ ଚାହୁଁ ନଥିଲେ ରୋହିତ

ବିଶ୍ୱକପ ଜିତିବା ପରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଟିମ ଇଣ୍ଡିଆ ର ଅଧିନାୟକ ରୋହିତ ଶର୍ମା ଅବସର ଘୋଷଣା କରିଛନ୍ତି ଗୁଡ ବାଏ କହିବାକୁ ଏହା ଉପଯୁକ୍ତ ସମୟ ବୋଲି ରୋହିତ ଶନିବାର ଦିନ କହିଥିଲେ

ମ୍ୟାଚ୍ ସରିବା କ୍ଷଣି ବିରାଟ କୋହଲି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିବା ବେଳେ ରୋହିତ ମ୍ୟାଚ ପରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସମାନ ପଦକ୍ଷେପ ଗ୍ରହଣ କରିଥିଲେ

ସେ କହିଥିଲେ, ଏହା ମୋର ଶେଷ ମ୍ୟାଚ୍ ଥିଲା ଗୁଡବାଏ କହିବାକୁ ଏହା ଠାରୁ ଆଉ ଭଲ ସମୟ କିଛି ହୋଇ ନପାରେ ମୁଁ ଟ୍ରଫି ପାଇଁ ବ୍ୟଗ୍ର ଥିଲି ଏହାକୁ ଶବ୍ଦରେ ବୟାନ କରିବା ବେଶ କଷ୍ଟକର ଏହାକୁ ମୁଁ ଚାହୁଁଥିଲି ଓ ଏହା ଘଟିଛି ମୋ ଜୀବନରେ ଏଥିପାଇଁ ମୁଁ ଅପେକ୍ଷା କରି ରହିଥିଲି ଏଥର ଆମେ ବିଜୟ ଲାଇନ ଅତିକ୍ରମ କରିଥିବାରୁ ବହୁତ ଖୁସି

୩୭ ବର୍ଷୀୟ ରୋହିତ ଶର୍ମା ୨୦୨୨ ଟି-୨୦ ବିଶ୍ୱକପରେ ମଧ୍ୟ ଭାରତର ନେତୃ ନେଇଥିଲେ ହେଲେ ଦଳକୁ ଇଂଲଣ୍ଡ ଠାରୁ ସେମି ଫାଇନାଲରେ ପରାସ୍ତ ହେବାକୁ ପଡ଼ିଥିଲା ଗୋଟିଏ ବର୍ଷ ପରେ ରୋହିତଙ୍କ ନେତୃରେ ଦିନିକିଆ । ବିଶ୍ୱକପ ଫାଇନାଲ ମଧ୍ୟ ଭାରତ ଖେଳିଥିଲା କିନ୍ତୁ ଫାଇନାଲରେ ଦଳ ଅଷ୍ଟ୍ରେଲିଆ । ଠାରୁ ହାରି ଯାଇଥିଲା

୨୦୨୪ ଫାଇନାଲରେ ରୋହିତଙ୍କ କ୍ୟାପ୍ଟେନ୍ସିରେ ଭାରତ ଟି-୨୦ ବିଶ୍ୱକପ ଜିତିଛି ରୋହିତ ୧୫୯ ଟି-୨୦ ଅନ୍ତର୍ଜାତୀୟରେ ୪୨୩୧ ରନ କରିଛନ୍ତି ଏଥିରେ ୫ଟି ଶତକ ଓ ୩୨ଟି ଅର୍ଦ୍ଧଶତକ ରହିଛି ସେ ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେଇଥିଲେ ହେଁ ଭାରତ ପାଇଁ ଟେଷ୍ଟ ଓ ଦିନିକିଆ । ଖେଳିବା ଜାରି ରଖିବେ ।

ତେବେ ରୋହିତ ଟି-୨୦ ବିଶ୍ୱକପ ଜିତିବା ପରେ ମଧ୍ୟ ଏହି ଫର୍ମାଟରୁ ଅବସର ନେବାକୁ କୌଣସି ଯୋଜନା କରି ନଥିଲେ ବୋଲି ସ୍ୱୀକାର କରିଛନ୍ତି ସେ ଅବସର ନେବାକୁ ଚାହୁଁ ନଥିଲେ ହେଁ ଏମିତି କିଛି ସ୍ଥିତି ଆସିଥିଲା, ଯେଉଁଥି ପାଇଁ ସେ ଅନ୍ତର୍ଜାତୀୟ ଟି-୨୦କୁ ଅଲବିଦା କହିଥିବା ଗୋଟିଏ ଭିଡିଓ ଭାଇରାଲ ହେବାରେ ଲାଗିଛି

ରୋହିତ କହିଛନ୍ତି, ମୁଁ ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେବି ବୋଲି ଭାବି ନଥିଲି କିନ୍ତୁ ଏବେ ସ୍ଥିତି ଏମିତି କିଛି ଆସିଗଲା, ଯେଉଁଥି ପାଇଁ ମୁଁ ଭାବିଲି ଯେ ଏବେ ଅବସର ନେବା ଉପଯୁକ୍ତ ହେବ ଟ୍ରଫି ଜିତିବା ପରେ ଗୁଡବାଏ କହିବା ଠାରୁ ଭଲ ଆଉ କିଛି ହୋଇ ନପାରେ । ରୋହିତ ଶର୍ମା ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେଉଥିବାରୁ ତାଙ୍କ ସ୍ଥାନ ନେବା ଦୌଡ଼ରେ ସବୁଠାରୁ ଆଗରେ ଅଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା ୨୦୨୩ରେ ରୋହିତ ଅଧିକାଂଶ ଟି-୨୦ରେ ନଜର ଆସି ନଥିଲେ ତାଙ୍କ ସ୍ଥାନରେ ପାଣ୍ଡ୍ୟା ଭାରତର କମାଣ ସମ୍ଭାଳିଥିଲେ ।

# ବାର୍ବାଡସ୍‌ରେ ଫସିଛି ଟିମ୍ ଇଣ୍ଡିଆ

**ବାର୍ବାଡସ,୧୭(ଏଜେନ୍ସି):** ବିଶ୍ୱବିଜୟୀ ଟିମ୍ ଇଣ୍ଡିଆ ସଦସ୍ୟଙ୍କ ବାଟ ଓଗାଳିଛି ସାମୁଦ୍ରିକ ଝଡ଼ । ଫଳରେ ସେମାନେ ବାର୍ବାଡସରେ ଅଟକିଛନ୍ତି । ବିମାନ ଉଡ଼ାଣ ପାଇଁ ପାଗ ଅନୁକୂଳ ନ ଥିବାରୁ ବିଶ୍ୱବିଜୟୀ ଟିମ୍ ଭାରତ ଫେରିବାରେ ବିଳମ୍ବ ହେଉଛି ।

ବିଶ୍ୱବିଜୟୀ ଟିମ୍ ଇଣ୍ଡିଆ ସଦସ୍ୟଙ୍କ ବାଟ ଓଗାଳିଛି ସାମୁଦ୍ରିକ ଝଡ଼ ଫଳରେ ସେମାନେ ବାର୍ବାଡସରେ ଅଟକିଛନ୍ତି । ବିମାନ ଉଡ଼ାଣ ପାଇଁ ପାଗ ଅନୁକୂଳ ନ ଥିବାରୁ ବିଶ୍ୱବିଜୟୀ ଟିମ୍ ଭାରତ ଫେରିବାରେ ବିଳମ୍ବ ହେଉଛି ।

ଆଣ୍ଟଲାଟିକରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ବର୍ତ୍ତମାନ ଇଷ୍ଟ ସାଉଥ ଇଷ୍ଟ ବାର୍ବାଡସରୁ ୫୭୦ କିଲୋମିଟର ଦୂରରେ ରହିଛି । ଏହା ବର୍ତ୍ତମାନ ୨୧୦ କିମି ବେଗରେ ଆଗକୁ ବଢୁଛି । ଟିମ୍ ଇଣ୍ଡିଆ । ସଦସ୍ୟ ଦ ହିଲଟନହୋଟେଲରେ ରହୁଥିବା ବେଳେ ତାହା ସମୁଦ୍ର ନିକଟରେ ଅବସ୍ଥିତ । ତେଣୁ ତାହା ଅଧିକ କ୍ଷତିଗ୍ରସ୍ତ ହେବ ବୋଲି ଆକଳନ କରାଯାଉଛି ।



ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଟିମ୍ ଇଣ୍ଡିଆ । ସଦସ୍ୟ ପ୍ରଥମେ ନ୍ୟୁୟର୍କ ଯାଇଥାନ୍ତେ । ସେଠାରୁ ସେମାନେ ଦୁବାଇ ଯାଇ ଭାରତ ଫେରିଥାନ୍ତେ ଆଜି ରାତି ୮ଟା୩୦ରେ ସେମାନଙ୍କ ଫ୍ଲାଇଟ୍ ଉଡ଼ାଣ ଭରିବ ବୋଲି ସ୍ଥିର ହୋଇଥିଲା । ମାତ୍ର ସାମୁଦ୍ରିକ ଝଡ଼ର ଉଗ୍ର ରୂପକୁ ଦେଖି ସଂଧ୍ୟା ସୁଦ୍ଧା ରାଜଧାନୀ ବ୍ରିଜଟାଉନର ବିମାନ ବନ୍ଦର ବନ୍ଦ ହୋଇଯିବ ବୋଲି ସେଠାକାର ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ତେଣୁ ତୁରନ୍ତ ଟିମ୍ ଇଣ୍ଡିଆ ର ସମସ୍ତଙ୍କୁ ସେଠାରୁ ସୁରକ୍ଷିତ ଭାବେ ଭାରତ ଫେରାଇ ଆଣିବାକୁ ପ୍ରୟାସ ଆରମ୍ଭ ହୋଇ ଯାଇଛି । ବିଜୟୀ ଟିମ୍, ବିସିସିଆଇ ଅଫିସିଆଲ ଏବଂ ଟିମର ପରିବାର ସଦସ୍ୟଙ୍କୁ ସୁରକ୍ଷିତ ସ୍ୱଦେଶ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା ବିସିସିଆଇ ପକ୍ଷରୁ କରାଯାଉଥିବା ଜଣାପଡ଼ିଛି । ଏପରିକି ଏ ବାବଦରେ ପିଏମଓ ସହ ଯୋଗାଯୋଗ କରାଯାଉଥିବା ଜଣାପଡ଼ିଛି ।ସୂଚନାଯୋଗ୍ୟ, ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଜିତିଲା ଭାରତ ୨୦୦୭ରେ ମହେନ୍ଦ୍ର ସିଂହ ଧୋନିଙ୍କ ନେତୃରେ ଭାରତ ଟି-୨୦ ବିଶ୍ୱକପ ଜିତିଥିଲା ।୨୦୨୪ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଦକ୍ଷିଣ ଆଫ୍ରିକାକୁ ହରାଇ ଚାମ୍ପିୟନ ହୋଇଛି । ତେଣୁ ସମଗ୍ର ଦେଶରେ ଉତ୍ସବର ମାହୋଲ ଖେଳି ଯାଇଥିବା ବେଳେ ବିଜୟୀ ଟିମ୍ ସଦସ୍ୟଙ୍କ ଫେରିବା ବାଟକୁ ଦେଶବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ।

# ରୋହିତଙ୍କ ପରେ ଓପନିଙ୍ଗ୍ ଲିଷ୍ଟରେ ୫ ନାଁ

ନୂଆଦିଲ୍ଲୀ,୧୭(ଏଜେନ୍ସି): ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ । ଟି -୨୦ ବିଶ୍ୱକପ୍ ୨୦୨୪ ଟାଇଟଲ ଜିତିଛି । ଗୋଟିଏ ପଟେ ଟିମ ଇଣ୍ଡିଆ । ବିଶ୍ୱ ଚାମ୍ପିୟନ ହୋଇଥିବା ଅନ୍ୟପଟେ ରୋହିତ ଶର୍ମା ଅନ୍ତର୍ଜାତୀୟ ଟି -୨୦କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ଯଦିଓ ରୋହିତ ଭଲ ସ୍ମୃତି ସହିତ ଟି -୨୦ କ୍ରିକେଟ କୁ ବିଦାୟ ଦେଇଛନ୍ତି । କିନ୍ତୁ ବର୍ତ୍ତମାନ ଏକ ବଡ ପ୍ରଶ୍ନ ଉଠିଛି ଯେ ତାଙ୍କ ଅନୁପସ୍ଥିତିରେ ଭାରତର ଓପନିଂ ବ୍ୟାଟ୍ସମ୍ୟାନ୍‌ଙ୍କ ଭୂମିକା କିଏ ଲିଭାଇବ ? ଭାରତ ପାଇଁ ଓପନର୍ ଭାବରେ ୧୨୪ମ୍ୟାଚରେ ରୋହିତ ୩,୭୫୦ରନ ସ୍କୋର କରିଛନ୍ତି ତେଣୁ ତାଙ୍କ ସ୍ଥାନ ନେବା କୌଣସି ଖେଳାଳିଙ୍କ ପାଇଁ ସହଜ କାମ ହେବ ନାହିଁ ତେବେ ରୋହିତଙ୍କ ପରେ କିଏ ଓପନିଙ୍ଗ କରିବେ, ସେନେଇ ଚର୍ଚ୍ଚା ଚାଲିଥିବା ବେଳେ ଏହି ୫ ଜଣ ଦାବିଦାର ଥିବା କୁହାଯାଉଛି । ୫ ଜଣଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ, ଅଭିଷେକ ଶର୍ମା, କେଏଲ ରାହୁଲ ଏବଂ ରତୁରାଜ ଗାୟକୱାଡ ଅଛନ୍ତି ।

# ଏକମାତ୍ର ମହିଳା ଟେଷ୍ଟ : ଦ. ଆଫ୍ରିକାକୁ ୧୦ ୱିକେଟରେ ହରାଇଲା ଭାରତ




ମୁମ୍ବାଇ,୧୭(ଏଜେନ୍ସି): ଏକମାତ୍ର ମହିଳା ଟେଷ୍ଟ ମ୍ୟାଚରେ ଭାରତୀୟ ମହିଳା କ୍ରିକେଟ ଟିମ୍ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଟିମ୍‌କୁ ୧୦ ୱିକେଟରେ ହରାଇଛି । ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା । ଏହି ମ୍ୟାଚରେ ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱ ଟିମ୍ ୬୦୩/୬ ରେ ପ୍ରଥମ ଇନିଂସ ଘୋଷଣା କରିଥିଲେ । ଏହାର ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୨୬୬ ରନ ସଂଗ୍ରହ କରିଥିଲା । ତାପରେ ଭାରତ ଦକ୍ଷିଣ ଆଫ୍ରିକାକୁ ଫଲୋଅନ ଦେଲା ଦ୍ୱିତୀୟ ଇନିଂସରେ ଫଲୋଅନ୍ ଖେଳିବାକୁ ଆସିଥିବା ଦକ୍ଷିଣ ଆଫ୍ରିକା ୩୭୩ ରନରେ ଆଉଟ ହୋଇଯାଇଥିଲା । ଅଧିନାୟିକା ଏଲ ଭୋଲ୍‌ଭାର୍ଟ ୧୨୨, ଲସ ୧୦୯, ନାଡିନେ ଡି କ୍ଲାର୍କ ୬୧ ରନ୍ କରିଥିଲେ ହେଁ ବଡ ଅଗ୍ରଣୀ ହାସଲ କରିପାରିନଥିଲା । ଏମିତିରେ ଭାରତ ଦ୍ୱିତୀୟ ଇନିଂସରେ ୩୭ ରନର ଲକ୍ଷ୍ୟ ବିନା ୱିକେଟରେ ହାସଲ କରିଥିଲା । ନବାଗତା ଶୁଭା ସତୀଶା ୧୩ ଓ ଶେଫାଳି ବର୍ମା ୨୪ ରନ୍ କରି ଅପରାଜିତ ରହିଥିଲେ । ଭାରତ ପକ୍ଷରୁ ୧୦ ୱିକେଟ ନେଇଥିବା ସ୍ନେହ ରାଣା ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଭାରତ ପାଇଁ ପ୍ରଥମ ଇନିଂସରେ ଶେଫାଳୀ ବର୍ମା ୧୯୭ବଲରେ ୨୦୫ରନ ସ୍କୋର କରିଥିଲେ, ଯେଉଁଥିରେ ୨୩ ଚୌକା ଓ ୮ଛକା ଅନ୍ତର୍ଭୁକ୍ତ ଏମାନଙ୍କ ବ୍ୟତୀତ ସ୍ମୃତି ମନ୍ଧାନା ୧୪୯ ରନର ଇନିଂସ ଖେଳିଥିଲେ । କ୍ୟାପଟେନ ହରମନପ୍ରୀତ କୌର ୧୧୫ ବଲରେ ୬୯ରନ, ୱିକେଟ କିପର ରଚ୍ଚ ଘୋଷ ୯୦ ବଲରେ ୮୬ ରନ ଏବଂ ଜେମିମା ରୋଡ୍ରିଗେଜ ୯୪ବଲରେ ୫୫ ରନ ସଂଗ୍ରହ କରିଥିଲେ । ଶୁଭା ସତୀଶ ୧୫ ରନ ସଂଗ୍ରହ କରିଥିବାବେଳେ ଦୀପ୍ତି ଶର୍ମା ୨ ରନ ସ୍କୋର କରିବା ପରେ ଅପରାଜିତ ରହିଥିଲେ ।

## ପାକ୍ କ୍ରିକେଟରଙ୍କ ପ୍ରଶଂସା

**କରାଚୀ୨୧୭(ଏଜେନ୍ସି):** ପାକିସ୍ତାନୀ କ୍ରିକେଟର ଅହମ୍ମଦ ଶହଜାଦ ଓ ଅମର ଅକମଲ ଟିମ୍ ଇଣ୍ଡିଆର ଖୁବ୍ ପ୍ରଶଂସା କରିଛନ୍ତି । ଅହମ୍ମଦ ଶହଜାଦ ଜିୟୋ ନ୍ୟୁଜରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି କି ଭାରତ ଖୁବ୍ ସୁନ୍ଦର ଖେଳୁଛି । ୩ ୱିକେଟ୍ ଖସିବା ପରେ ବି ଟିମ୍ ଇଣ୍ଡିଆ ପାଖରେ ଗୋଟିଏ ବିକଳ୍ପ ଥିଲା ଯେ, ବିରାଟ କୋହଲି ଲମ୍ବା ଇନିଂସ ଖେଳନ୍ତୁ ଏବଂ ସେ ତାହା କରି ଦେଖାଇଲେ । ଯଦି ସେ ଖେଳି ନଥାନ୍ତେ ତ ବୋଧହୁଏ ଭାରତ ଏତେ ସ୍କୋର କରି ପାରିନଥାନ୍ତି । ସେ କହିଛନ୍ତି, ଅନେକ ଲୋକ କହୁଥିଲେ କି ବୁମରାହଙ୍କୁ ଆଣିବାରେ ରୋହିତ ଶର୍ମା ବିଳମ୍ କରିଦେଲେ । କିନ୍ତୁ ସେ କହିଛନ୍ତି , ବିଳମ୍ବ କରି ନାହିଁ । ରୋହିତ ଶର୍ମାଙ୍କ ସ୍ଥାନରେ ଆଉ କିଏ ଲିଡର ହୋଇ ଥିଲେ , ବୋଧେ ମ୍ୟାଚ୍ ଜିତି ନଥାନ୍ତା ।

# କାହା ପାଖରେ ରହିବ ବିଶ୍ୱକପ ଟ୍ରଫି ?

**କୋଲକାତା,୨୧୭(ଏଜେନ୍ସି):** ଟିମ୍ ଇଣ୍ଡିଆ ଟି-୨୦ବିଶ୍ୱକପ ଟାଇଟଲ ହାସଲ କରିଛି । ଫାଇନାଲ ମ୍ୟାଚରେ ବିଜୟ ପରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ଟି-୨୦ ବିଶ୍ୱକପ ଟ୍ରଫି ଦିଆଯାଇଛି । ରୁପାରେ ନିର୍ମିତ ଏହି ଟ୍ରଫି ବହୁତ ସୁନ୍ଦର ଏବଂ ଆକର୍ଷଣୀୟ । ଏହି ସମୟରେ କ୍ରିକେଟ୍ ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଠିଛି ଯେ ଏହି ବିଶ୍ୱକପ୍ ଟ୍ରଫି କାହା ପାଖରେ ରହିବ ? ଏହି ଟ୍ରଫି କାହା ପାଖରେ ରହେ ଅଧିନାୟକ, କୋଚ୍ କିମ୍ବା ବୋର୍ଡ କାହା ପାଖରେ ଟ୍ରଫି ରହିବ ଦଳର ଅନ୍ୟ ଖେଳାଳିମାନେ ବିଶ୍ୱକପ ବିଜୟ ପାଇଁ କେଉଁ ପୁରସ୍କାର ପାଇବେ ଏବଂ ଏହି ଆଇସିସିର ଟ୍ରଫି କିଏ ଡିଜାଇନ୍ କରେ ?



ଟି-୨୦ ବିଶ୍ୱକପ୍‌ର ଟ୍ରଫି ବିଶ୍ୱକପଠାରୁ ଭିନ୍ନ ଏକଦିବସୀୟ ବିଶ୍ୱକପ୍ ଟ୍ରଫି ସ୍ୱର୍ଣ୍ଣରେ ନିର୍ମିତ ଯେତେବେଳେ କି ଟି -୨୦ ବିଶ୍ୱକପ ଟ୍ରଫି ରୁପାରେ ନିର୍ମିତ ୨୦୦୭ ରେ ଟି-୨୦ ବିଶ୍ୱକପ୍ ର ପ୍ରଥମ ସଂସ୍କରଣରେ, ଏହି ଟ୍ରଫି ଅଷ୍ଟ୍ରେଲିଆ ର ମିନଲେ ବ୍ରାଇସ୍ ଡିଜାଇନ୍ ଷ୍ଟ୍ରାଟେଜୀ ଦ୍ୱାରା ଡିଜାଇନ୍ କରାଯାଇଥିଲା ଏବଂ ଏହା ଅମିତ ପାବୁ୍ୱାଲଙ୍କ ଦ୍ୱାରା ଭାରତରେ ନିର୍ମିତ ହୋଇଥିଲା । ଏହା ପରେ ଲଣ୍ଡନର ଲିଙ୍କ୍ ଦ୍ୱାରା ଏହାର ନିର୍ମାଣ କରାଯାଇଥିଲା । ୨୦୨୧ ମସିହାରେ, ଥୋମାସ୍ ଏହି ଟ୍ରଫିର ଅଫିସିଆଲ୍ ନିର୍ମାତା ହୋଇଥିଲେ । ଏହି ଟ୍ରଫି ସମ୍ପୂର୍ଣ୍ଣ ରୂପେ ରୁପା ଏବଂ ରୋଡିୟମରେ ନିର୍ମିତ । ଏହାର ଓଜନ ପ୍ରାୟ ୧୨ କିଲୋଗ୍ରାମ ଏହାର ଉଚ୍ଚତା ୫୭.୧୫ ସେମି ଏହାର ମୋଟେଇ ୧୬.୫ ସେମି । ମିଡିଆ ରିପୋର୍ଟ ଅନୁଯାୟୀ ଏହାର ମୂଲ୍ୟ ୧୫ରୁ ୨୦ ଲକ୍ଷ ଟଙ୍କା ମଧ୍ୟରେ ରହିଛି ।

ଏକଦିବସୀୟ ବିଶ୍ୱକପ ଭଳି ଟି-୨୦ବିଶ୍ୱକପର ପ୍ରକୃତ ଟ୍ରଫି ବିଜେତା ଦଳକୁ ଦିଆଯାଏନାହିଁ । ଆଇସିସି ଏହି ଟ୍ରଫିକୁ ନିଜ ପାଖରେ ରଖିଥାଏ । ଯେଉଁଠାରେ ପ୍ରତିକୃତି ଟ୍ରଫି (ସମାନ ଦେଖାଯାଉଥିବା ଟ୍ରଫି) ବିଜେତା ଦଳକୁ ଦିଆଯାଇଥାଏ । ଆଇସିସି ପ୍ରତ୍ୟେକ ଦଳ ଅନୁଯାୟୀ ସମସ୍ତ ମୂଳ ଟ୍ରଫିକୁ ନିଜ କ୍ୟାବିନେଟରେ ରଖିଥାଏ ।

# ସୂର୍ଯ୍ୟ ମନେ ପକାଇଦେଲେ କପିଳଙ୍କ ୧୯୮୩ ଫାଇନାଲ୍ କ୍ୟାଚ୍

ବ୍ରିଜଟାଉନ୍,୧୭(ଏଜେନ୍ସି): ରବିବାରର ଭାରତ-ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ସୂର୍ଯ୍ୟକୁମାର ଯାଦବ ନେଇଥିବା ଡେଭିଡ୍ ମିଲରଙ୍କ ଅବିଶ୍ୱସନୀୟ କ୍ୟାଚ୍ କାଳଜୟୀ ଆଖ୍ୟା ପାଇଛି । ତାଙ୍କର ଏହି କ୍ୟାଚ୍‌କୁ ମଧ୍ୟ ୧୯୮୩ ଏକଦିବସୀୟ ବିଶ୍ୱକପ୍ ଫାଇନାଲ୍‌ରେ ମହାନ ଭାରତୀୟ ଅଲରାଉଣ୍ଡର୍ କପିଳ ଦେବ । ନେଇଥିବା ଭିଭିଆନ୍ ରିଚାର୍ଡସଙ୍କ କ୍ୟାଚ୍ ସହ ତୁଳନା କରାଯାଉଛି । ସେହିବର୍ଷର



ଭାରତ-ଇଣ୍ଡିଜ୍ ଫାଇନାଲ୍‌ରେ କପିଳ ମିଡ୍‌ଅନ୍‌ରୁ ସୀମାରେଖା ଆଡ଼କୁ ପାଖାପାଖି ୨୫ ମିଟର ବାଟ ପଛୁଆ । ଦୌଡ଼ି ୱେଷ୍ଟଇଣ୍ଡିଜ୍‌ର କିମ୍ବଦନ୍ତି ବ୍ୟାଟର୍ ରିଚାର୍ଡସଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ ଯାହା ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲା ଏବଂ ଭାରତ ଶେଷରେ ଶକ୍ତିଶାଳୀ ଇଣ୍ଡିଜ୍‌କୁ ହରାଇ ବିଶ୍ୱବିଜେତା ହୋଇଥିଲା । ଏହି କ୍ୟାଚ୍ ଏବେବି ଦିନିକିଆ । କ୍ରିକେଟ୍ ବିଶ୍ୱକପ୍ ଫାଇନାଲର ଅନ୍ୟତମ ଶ୍ରେଷ୍ଠ କ୍ୟାଚ୍‌ର ମାନ୍ୟତା ପାଇଥାଏ । ଠିକ୍ ଏହିଭଳି ସୂର୍ଯ୍ୟ ନେଇଥିବା କ୍ୟାଚ୍ ମଧ୍ୟ ଭାରତକୁ ବିଶ୍ୱକପ୍ ଦେଇଛି । ଏଣୁ ସୂର୍ଯ୍ୟ ୪୧ବର୍ଷ ତଳେ କପିଳ ନେଇଥିବା ସେହି ଅସାଧାରଣ କ୍ୟାଚ୍‌କୁ ମନେ ପକାଇଦେଲେ ବୋଲି କ୍ରିକେଟ୍‌ପ୍ରେମୀ ଚର୍ଚ୍ଚା କରୁଛନ୍ତି ।

ସୂଚନାଯୋଗ୍ୟ ଯେ ରବିବାରର ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ବିଜୟ ପାଇଁ ଶେଷ ଓଭରରୁ ୧୬ ରନ୍‌ର ଦରକାର ଥିଲା ହାର୍ଦିକ ପାଣ୍ଡ୍ୟାଙ୍କ ପ୍ରଥମ ବଲ୍‌କୁ ମିଲର୍ ମିଡ୍‌ବିକେଟ୍ ଉପରେ ଛକା ମାରିବାକୁ ଚେଷ୍ଟା କରିଥିଲେ ସୀମାରେଖା ପାଖରେ ପଇଁତରା ମାରୁଥିବା ସୂର୍ଯ୍ୟକୁମାର କିନ୍ତୁ ଭିନ୍ନ ଯୋଜନାରେ ଥିଲେ ବଲ୍ ଉପରକୁ ଉଠିବା ଦେଖି ତ୍ୱକ୍ଷଣାତ ସେ ଲଙ୍ଗ ଅଫ୍‌ରୁ ବିଜୁଳି ବେଗରେ ଦୌଡ଼ିଥିଲେ । ପୁଣି ସୀମାରେଖା ବାହାରୁ ବଲ୍‌କୁ ଟାଣିଆଣି ପଡ଼ିଆ ଭିତରକୁ ଫିଙ୍ଗି ଦେଇଥିଲେ ସେହିଭଳି ଦ୍ୱିତୀୟ ପ୍ରୟାସରେ କ୍ୟାଚ୍ ପୂରଣ କରି ଭାରତ ବିଜୟକୁ ଏକପ୍ରକାର ପକ୍କା କରି ଦେଇଥିଲେ ସୂର୍ଯ୍ୟ ଏହି କ୍ୟାଚ୍ ପାଇଁ ସୂର୍ଯ୍ୟ ଏବେ ସାରା କ୍ରିକେଟ୍ ଦୁନିଆରୁ ପ୍ରଶଂସା ସାଉଣ୍ଟୁଛନ୍ତି ।

# ରୋହିତଙ୍କ ଅବସର ପରେ ଟି-୨୦ ଟିମର ଅଧିନାୟକ ହେବେ ପାଣ୍ଡ୍ୟା !

ନୂଆଦିଲ୍ଲୀ,୧୭(ଏଜେନ୍ସି): ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଦଳ ଆଇସିସି ଟି-୨୦ ବିଶ୍ୱକପ୍‌ର ଅନ୍ତିମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୭ରନ୍‌ରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛି । ଏହା ଭାରତୀୟ ଦଳର ଦ୍ୱିତୀୟ ଟି-୨୦ ଟାଇଟଲ୍ ଏବଂ ଦୁଇଥର ଟି-୨୦ ବିଶ୍ୱକପ୍ ଟାଇଟଲ୍ ଜିତିଥିବା ଦେଶ ମଧ୍ୟରେ ଭାରତ ଏବେ ତୃତୀୟରେ ରହିଛି ।ଏହା ପୂର୍ବରୁ ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ଦୁଇ ଥର ଟି-୨୦ ବିଶ୍ୱକପ ଜିତିଥିଲେ ତେବେ ଟିମ୍ ଇଣ୍ଡିଆ ର ଏହି ବିଜୟ ପରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା ଉଭୟ ବିରାଟ କୋହଲି ଏବଂ ରୋହିତ ଶର୍ମା ଟି-୨୦ ଫର୍ମାଟରୁ ଅବସର ନେଉଥିବା ଘୋଷଣା କରିଥିଲେ ।



ଟିମ୍ ଇଣ୍ଡିଆ ଚାମ୍ପିଅନ୍ ହେବା ପରେ ଏହି ଦୁଇ ମହାନ ଖେଳାଳି ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେବାକୁ ନିଷ୍ପତ୍ତି ନେଇଥିବା ବେଳେ ଏବେ ଭାରତର ଅଧିନାୟକତ୍ୱ କିଏ କରିବ, ତାହା ଆଲୋଚନାର ବିଷୟ ପାଲଟିଛି ଆଲୋଚନା ମଧ୍ୟରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାମ ଏବେ ଆଗରେ ରହିଛି ସେ ଆଗାମୀ ଟି-୨୦ ଟିମର ଅଧିନାୟକ ହେବେ ବୋଲି ଚର୍ଚ୍ଚା ହେଉଛି ।

ତେବେ ଏମଧ୍ୟରେ ବିସିସିଆଇ ସଚିବ ଜୟ ଶାହା ଏହାର ଉତ୍ତର ଦେଇଛନ୍ତି ସେ କହିଛନ୍ତି ଯେ, ଅଧିନାୟକ କିଏ ହେବ ତାର ନିଷ୍ପତ୍ତି ଚୟନକର୍ତ୍ତା । ନେବେ ଆମେ ସେମାନଙ୍କ ସହ ଆଲୋଚନା କରିବା ପରେ ଏହା ବିଷୟରେ ଘୋଷଣା କରିବୁ ଲୋକେ ହାର୍ଦ୍ଦିକଙ୍କ ଫର୍ମକୁ ନେଇ ତାଙ୍କୁ ଟ୍ରୋଲ କରିଥିଲେ । କିନ୍ତୁ ଆମେ ଏବଂ ଚୟନକର୍ତ୍ତାମାନେ ତାଙ୍କ ଉପରେ ବିଶ୍ୱାସ ପ୍ରଦର୍ଶନ କରିଥିଲୁ ଏବଂ ସେ ନିଜକୁ ପ୍ରମାଣ କରିଥିଲେ ତାଙ୍କର ଏଭଳି ବୟାନ ପରେ ହାର୍ଦ୍ଦିକଙ୍କୁ ହିଁ ଅଧିନାୟକତ୍ୱ ଦିଆଯାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

# ଦୀନେଶ କାର୍ତ୍ତିକଙ୍କୁ ନୂଆ ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତ କଲା ଆରସିବି

ନୂଆଦିଲ୍ଲୀ,୧୭(ଏଜେନସି): ଆଇପିଏଲ ୨୦୨୫ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ବ୍ୟାଟିଂ ପ୍ରଶିକ୍ଷକ ତଥା ପରାମର୍ଶଦାତା ଭାବରେ ଭାରତର ପୂର୍ବତନ ଷ୍ଟମ୍ପର ଦୀନେଶ କାର୍ତ୍ତିକଙ୍କ ନାମ ଘୋଷଣା କରାଯାଇଛି । କାର୍ତ୍ତିକ ଆରସିବି ପାଇଁ ଅନ୍ତିମ ସିଜିନ ଖେଳିବା ପରେ ଚଳିତବର୍ଷ ମେ ମାସରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେଇଥିଲେ ।



ଗତ ମାସରେ ଆଇପିଏଲ୍ ୨୦୨୪ରେ ଖେଳି ସେ ନିଜର ଚମତ୍କାରିତା ପ୍ରଦର୍ଶନ କରିଥିଲେ । ଦୀନେଶ କାର୍ତ୍ତିକ ୧୭ ବର୍ଷ ପାଇଁ ଆଇପିଏଲର ଅଂଶ ଥିଲେ ଏବଂ ୬ଟି ଫ୍ରାଞ୍ଚାଇଜ୍ ପ୍ରତିନିଧି କରିଥିଲେ । ଭାରତୀୟ ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ଦୀନେଶ କାର୍ତ୍ତିକ ସେ ମାସରେ କ୍ରିକେଟର ସମସ୍ତ ଫର୍ମାଟକୁ ବିଦାୟ ଦେଇଛନ୍ତି । ଦୀନେଶ କାର୍ତ୍ତିକଙ୍କୁ ଆଇପିଏଲରେ ଖେଳୁଥିବା ଦେଖିବାକୁ ମିଳିଥିଲା ଦୀନେଶ କାର୍ତ୍ତିକ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ୨୬ଟି ଟେଷ୍ଟ ମ୍ୟାଚ୍ ବ୍ୟତୀତ ଏହି ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ୯୫ଟି ଦିନିକିଆ ଏବଂ ୬୦ଟି ଟି -୨୦ ମ୍ୟାଚ ଖେଳିଥିଲେ ଦୀନେଶ କାର୍ତ୍ତିକ ମଧ୍ୟ ଆଇପିଏଲର ୨୫୭ଟି ମ୍ୟାଚ୍ ଖେଳିଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବ୍ୟତୀତ ଦୀନେଶ କାର୍ତ୍ତିକ କୋଲକାତା ନାଇଟ୍ ରାଇଡର୍ସ, ଦିଲ୍ଲୀ କ୍ୟାପିଟାଲସ, ପଞ୍ଜାବ କିଙ୍ଗସ୍, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜୁରାଟ ଲାୟନ୍ସ ପାଇଁ ଆଇପିଏଲରେ ଖେଳିଛନ୍ତି ।

ଏହି ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ପ୍ରାୟ ୨୦ ବର୍ଷ ପୂର୍ବେ ୨୦୦୪ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ । ଭାରତ ବ୍ୟତୀତ ଏହି ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ଆଇପିଏଲ୍ ସମେତ ଘରୋଇ ମ୍ୟାଚ୍ ଖେଳିଥିଲେ । ନଭେମ୍ବର ୨୦୦୪ରେ ଦୀନେଶ କାର୍ତ୍ତିକ ଅଷ୍ଟ୍ରେଲିଆ । ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ । ଏହା ପରେ ସେ ୫ ସେପ୍ଟେମ୍ବର ୨୦୦୪ରେ ପ୍ରଥମ ଥର ପାଇଁ ଦିନିକିଆ ଫର୍ମାଟରେ ଭାରତ ପାଇଁ ଖେଳିଥିଲେ ଦୀନେଶ କାର୍ତ୍ତିକ ପ୍ରଥମ ଥର ପାଇଁ ୧ ଡିସେମ୍ବର ୨୦୦୬ରେ ଭାରତ ପାଇଁ ଟି-୨୦ ଫର୍ମାଟ୍ ଖେଳିଥିଲେ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ